**ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ**

କୋମନା, (ଡି.ଏନ.ଏ.): କୋମନା ବ୍ଲକ ବୁଦ୍ଧିକୋମନା ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଦ୍ଧିକୋମନା ସରପଞ୍ଚ ସନ୍ତୋଷିନୀ ବାଗ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ବିବେକାନନ୍ଦ ମହାନ୍ତି, ପ୍ରଫୁଲ ଚନ୍ଦ୍ର ହୋତା, ଗଜେନ୍ଦ୍ର ପ୍ରସାଦ ପଣ୍ଡା ସମ୍ମାନୀତ ଅତିଥିଭବେ ଯୋଗ ଦେଇଥିଲେ। ଅଧ୍ୟାପକ ସାଗରିକା ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇ ଓଡିଆ ଭାଷା, ସଂସ୍କୃତି, ଓ ଐତିହ୍ୟ ବଜାୟ ରଖିବା ପାଇଁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟ ସଭାପତି ଯୁବରାଜ ପଟେଲ ଅତିଥି ପରିଚୟ, ସମ୍ପାଦକ ସନ୍ତୋଷ ବାଗ ବାର୍ଷିକ ବିବରଣୀ ପାଠ କରିଥଲେ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**କୋକସରା,୨୪।୪(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ବଡ଼ପୋ ପଞ୍ଚାୟତ ସର୍ଗିଗୁଡ଼ା ଗ୍ରାମର ଜଣେ



ଯୁବକ କେନ୍ଦୁପତ୍ର ତୋଳିବାକୁ ଯାଇ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ବଳରାମ ମାଝୀ(୪୩)। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ରବିବାର ସନ୍ଧ୍ୟାରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଧର୍ମଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ରବିବାର ସେ ଗାଁ ନିକଟରେ ଥିବା ସାହାଜଖୋଲ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବା ବେଳେ ହଠାତ୍ ଭାଲୁ ବଳରାମଙ୍କୁ ଆକ୍ରମଣ କରିଥିଲା। ଭାଲୁ କବଳରୁ ଖସି ଘରକୁ ଆସିବା ପରେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ଆମପାଣି ଫରେଷ୍ଟର ମନୀଷା ପଟ୍ଟନାୟକଙ୍କ ପ୍ରତିକ୍ରିୟା ନେବାରୁ ସରକାରୀ ନିୟମ ମୁତାବକ ଯେଉଁ ସବୁ ସହାୟତା ରହିଛି ,ତାହା ତଦନ୍ତ ପରେ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

### କେରାପଦରରେ ପର୍ଶୁରାମ ଜୟନ୍ତୀ

**ବୋଡେନ,୨୪।୪ (ଡି.ଏନ୍.ଏ.):** ବୋଡେନ ବ୍ଲକ କେରାପଦର ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳୁ ବ୍ରାହ୍ମଣ ସମାଜର ସମସ୍ତ ମହିଳା ପୁରୁଷ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ବ୍ରହ୍ମଧ୍ୱଜ ଉତ୍ତୋଳନରେ ଅଂଶଗ୍ରହଣ କରିଥିଲେ। ପୂଜକ ଶ୍ରୀବତ୍ସ ସୁପକାରଙ୍କ ମାର୍ଗଦର୍ଶନରେ ପୂଜାପାଠ ହୋଇଥିଲା। ବ୍ରାହ୍ମଣ ସମାଜ କେରାପଦର ମଣ୍ଡଳ ସଭାପତି ସୁବ୍ରତ ପାଣିଗ୍ରାହୀ ତାଙ୍କ ସ୍ତ୍ରୀ ସୁଧାଳୀ ପାଣିଗ୍ରାହୀଙ୍କ ସହିତ କର୍ତ୍ତା ଭାବେ ଦାୟୀତ୍ୱ ନିର୍ବାହ କରିଥିବା ବେଳେ ସମସ୍ତ ମଣ୍ଡଳ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟା ଆରତୀ ପରେ ପାଲା ଗାୟକ ଶିବ ପ୍ରସାଦ ଅଗସ୍ତି ଓ ତାଙ୍କ ସାଥୀ ପର୍ଶୁରାମ ଗାଥା ପରିବେଷଣ କରିଥିଲେ।

### ନିଲାମ ହୋଇନାହିଁ ରୋତ ସାପ୍ତାହିକ ବଜାର

**ଲୋଇସିଂହା,୨୪।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ସପ୍ତାହିକ ବଜାର ପଞ୍ଚାୟତ ଦ୍ୱାରା ପରିଚାଳିତ ହେଉଛି। ହେଲେ ଅଦ୍ୟାବଧି ଏହି ବଜାର ନିଲାମ ହେଉନାହିଁ। ନିଲାମ ଦିଗରେ ବ୍ଲକ କିମ୍ବା ଜିଲା ପ୍ରଶାସନ ଦୃଷ୍ଟି ଦେଉନାହିଁ ଫଳରେ ଲକ୍ଷାଧିକ ଟଙ୍କା ରାଜସ୍ୱ ବାଟମାରଣା ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ସପ୍ତାହର ଶୁକ୍ରବାର ବସିଥାଏ ସାପ୍ତାହିକ ବଜାର। ଭାଲିଆମୁଣ୍ଡା ପରେ ଏହା ଜିଲାର ଏକ ପ୍ରମୁଖ ବଜାର। ଏଠାରେ ପରିବା ସହ ଗୋରୁ ହାଟ ବସିଥାଏ। ଜିଲା ତଥା ଜିଲା ବାହାରରୁ କ୍ରେତା ଓ ବିକ୍ରେତା ଆସିଥାନ୍ତି। ଜିଲା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ନଥିବାରୁ ଏହା ପଞ୍ଚାୟତ ଦ୍ୱାରା ପରିଚାଳିତ ହୋଇଥାଏ। ଗତବର୍ଷ ୫୦ଲକ୍ଷ ଟଙ୍କା ଡାକରେ ଜଣେ ବ୍ୟକ୍ତି ଏହି ବଜାରକୁ ନିଲାମରେ ନେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଟଙ୍କା ପୈଠ ନ କରିବାରୁ ୪/୫ ମାସ ହେବ ପଞ୍ଚାୟତ କର୍ତ୍ତୃପକ୍ଷ ତାଙ୍କ ନିଲାମ ପ୍ରତ୍ୟାହାର କରି ନେଇଛନ୍ତି। ଏବେ ପଞ୍ଚାୟତ ପକ୍ଷରୁ ବଜାର ଦିନ ରାଜସ୍ୱ ଆଦାୟ କରାଯାଉଛି। ବ୍ୟବସ୍ଥିତ ଭାବେ ନିଲାମ ଡକାଯାଇ ରାଜସ୍ୱ ଆଦାୟ କରାଯାଉ ବୋଲି ସାଧାରଣରେ ଦାବି କରାଯାଇଛି। ସରପଞ୍ଚ ଜସୱାଲ ସିନ୍ଦୁରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଗ୍ରାମ ପଞ୍ଚାୟତ ଅଧିକାରୀ ସୌଭାଗ୍ୟ ପଧାନଙ୍କୁ ଏ ନେଇ ପଚାରିବାରୁ ଏପ୍ରିଲ ଶେଷ ସୁଦ୍ଧା ନିଲାମ ଡକାଯିବ ବୋଲି କହିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ଗୁରୁତର

**କୋକସରା,୨୪।୪(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋ ପଞ୍ଚାୟତ କୁଲେରଗୁଡ଼ା ଗ୍ରାମରେ ଜଣେ ଯୁବକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେ ହେଲେ ଚିନ୍ତାମଣି ସାଗର(୩୨)। ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। କାଳବୈଶାଖୀ ପ୍ରଭାବରେ ଘର ନିକଟରେ ଏକ ଗଛ ଓହଳି ପଡ଼ିଥିବାବେଳେ ଗଛ ଡାଲକୁ ସଫା କରିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇଥିଲେ।

# ବାଲି ଚୋରାଚାଲାଣ ରୋକ



ଗରିବ ସେବା ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯାଇଛି।

- ଜଗଦୀଶ ଚୌହାନଙ୍କୁ ମିଳୁ ସମ୍ପୂର୍ଣ୍ଣ ନ୍ୟାୟ
- ଜାତୀୟ ରାଜପଥ ଅବରୋଧ କଲା ଗରିବ ସେନା

**ନୂଆପଡା ଅଫିସ, ୨୪।୪**

ନୂଆପଡା ଜିଲା ଜୋଙ୍କ ଥାନା ଅନ୍ତର୍ଗତ କଲ୍ୟାଣପୁର ଗାଁର ଜଗଦୀଶ ଚୌହାନ ଆତ୍ମାହୂତି ଦେବାର ଦେଢ ମାସ ବିତିଗଲାଣି। ତାଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ମିଳିନାହିଁ। ଏପରିକି ସହାୟତା ରାଶି ପ୍ରଦନ କରାଯାଇନାହିଁ। ଜିଲାରେ ଅବାଧରେ ଚାଲିଥିବା ବାଲି ଚୋରା ଚାଲାଣକୁ ରୋକାଯାଇ ପାରୁନାହିଁ। ଏହି ସବୁ ଘଟଣାର ପ୍ରତିବାଦ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ସେମବାର ଗରିବ ସେନା ରାସ୍ତାକୁ ଓହ୍ଲାଇଥିଲା। ସେନାର ଜିଲା ସଭାପତି ରବି ମଙ୍ଗରାଜଙ୍କ ନେତୃତ୍ୱରେ ୩୫୩ ନମ୍ବର ଜାତୀୟ ରାଜପଥର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅବରୋଧ କରାଯାଇଥିଲା। ମୃତ ଜଗଦୀଶ ଚୌହାନଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ, ଘଟଣାର ଉଚିତ ତଦନ୍ତ କରି ତାଙ୍କ ମୃତ୍ୟୁ ପାଇଁ ଦାୟି ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଗିରଫ କରିବାକୁ ଦାବି କରିଥିଲେ ଆନ୍ଦୋଳନକାରୀ। ଏଥିସହ ବାଲି ଚୋରା ଚାଲାଣ ରୋକବା ଏବଂ ବାଲିମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା ଗରିବ ସେନା। ଧାରଣାର ପ୍ରାୟ ଘଣ୍ଟାଏ ପରେ ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ସଦର ଥାନା ଆଇଆଇସି ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ପାଇଁ ପ୍ରଶାସନ ୧୫ଦିନ ସମୟ ମାଗିଥିଲା । ହେଲେ ଧାରଣାକାରୀ ୭ ଦିନ ସମୟ ଦେଇଥିଲେ। ଧାର୍ଯ୍ୟ ସମୟରେ ସବୁ ଦାବି ପୂରଣ ନ ହେଲେ ଅଷ୍ଟମ ଦିନରେ ଜିଲା ସାରା ଅର୍ଥନୈତିକ ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ଜନଜାଗରଣ ଅଭିଯାନ



ଜନଜାଗରଣ ଅଭିଯାନ।

**ଭବାନୀପାଟଣା,୨୪।୪(ସ୍ୱ.ପ୍ର.)**

କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ଜନଜାଗରଣ ଅଭିଯାନର ଶୁଭାରମ୍ଭ ହୋଇଛି। ଜିଲାର ଚାଷୀଭାଇ ବିଭିନ୍ନ କ୍ଷେତ୍ରରେ ଅବହେଳାର ଶିକାର ହେଉଥିବାବେଳେ ସେମାନଙ୍କୁ ସେମାନଙ୍କ ହକ ଦେବା ପାଇଁ କଳାହାଣ୍ଡି ବିକାଶ ପରିଷଦ ପବିତ୍ର ଅକ୍ଷୟତୃତୀୟାରୁ ନିଜର ଅଭିଯାନ ଆରମ୍ଭ କରିଛି । ଏଥିସହ ଜିଲାରେ ଯେଉଁଭଳି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିବହନ, ଶିଳ୍ପ ସ୍ଥାପନ, ସ୍ଥାନୀୟ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ସର୍ବୋପରି ଏକ ସୁନ୍ଦର ସବୁଜ କଳାହାଣ୍ଡି ଗଢ଼ିବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି ପରିଷଦ ଅଧ୍ୟକ୍ଷା ଡ.ସୁନୀତି ମୁଣ୍ଡ କହିଛନ୍ତି । ସୋମବାର ରୁ ଏହି ଯାତ୍ରା କଳାହାଣ୍ଡି ଓ ନୂଆପଡ଼ା ଜିଲାର ସମସ୍ତ ପ୍ରାନ୍ତକୁ ଯାଇ ଜନସାଧାରଣଙ୍କୁ ସେମାନଙ୍କ ସମସ୍ୟା ଓ ସମବେତଭାବେ ତାହାର ପ୍ରତିକାର ନିମନ୍ତେ ସ୍ୱର ଉଠାଇବାକୁ ପ୍ରେରିତ କରିବ। ଏହି ଅଭିଯାନର ମୁଖ୍ୟ ସ୍ଲୋଗାନ ହେଉଛି ସମ୍ମିଳିତ ପ୍ରୟାସ, କଳାହାଣ୍ଡିର ବିକାଶ, ଆମର ପ୍ରୟାସ ସୁସ୍ଥ କଳାହାଣ୍ଡି, ଆମର ଲକ୍ଷ୍ୟ ଶିଳ୍ପ ସମୃଦ୍ଧ କଳାହାଣ୍ଡି, ଆମର ପରିକଳ୍ପନା ସବୁଜ ସୁନ୍ଦର କଳାହାଣ୍ଡି, ଆମର ଚିନ୍ତନ ଶିକ୍ଷିତ କଳାହାଣ୍ଡି। ପ୍ରତିଦିନ ଏହି ଯାତ୍ରା ୧୨ କିଲୋମିଟର ପର୍ଯ୍ୟନ୍ତ ଯିବ। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭାମାନ ଆୟୋଜନ କରାଯିବ। ପାଖାପାଖି ୭୦ ଦିନଧରି ଏହି ଯାତ୍ରା ଚାଲିବା ସହ ଏଥିରେ କଳାହାଣ୍ଡି ଓ ନୂଆପଡ଼ା ଜିଲାବାସୀଙ୍କ ପୂର୍ଣ୍ଣ ସହଯୋଗ କାମନା କରିଛନ୍ତି ଡ. ମୁଣ୍ଡ ।

# ଏବିଏସ୍ଏସ୍ ଶୀତଳ ଷଷ୍ଠୀ ପ୍ରସ୍ତୁତି ବୈଠକ



ଶୀତଳଷଷ୍ଠୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକରେ କମିଟିର ସଦସ୍ୟମାନେ।

**ବଲାଙ୍ଗୀର ଅଫିସ,୨୪।୪**

ବଲାଙ୍ଗୀର ସହର ଏବିଏସ୍ଏସ୍ପଡାଠାରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ବାବାଙ୍କ ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଶ୍ରୀ ସିଦ୍ଧେଶ୍ୱର ବାବାଙ୍କ ଶୀତଳ ଷଷ୍ଠୀ ମହୋତ୍ସବ କିପରି ମହାଆଡମ୍ବର ସହକାରେ କରାଯିବ ସେନେଇ ଆଲୋଚନା ହୋଇଥିଲା। ଚଳିତବର୍ଷ ବରପିତା ହେବାର ସୌଭାଗ୍ୟ ଲାଭ କରିଛନ୍ତି ମାଲପଡା ନିବାସୀ ସନ୍ତୋଷ ଅଗ୍ରୱାଲ ଓ ତାଙ୍କ ସହଧର୍ମିଣୀ ଲିନା ଅଗ୍ରୱାଲ। କନ୍ୟା ପିତା ହେବାର ସୌଭାଗ୍ୟ ଲାଭ କରିଛନ୍ତି ବୀରେନ୍ଦ୍ର ଅଗ୍ରୱାଲ ଓ ତାଙ୍କ ସହଧର୍ମିଣୀ ଅଳ୍ପନା ଅଗ୍ରୱାଲ । ଏହି ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ସମୀର କୁମାର ସାହାଣୀ, ଉପସଭାପତି ବଳରାମ ରାଉତ, ସମ୍ପାଦକ ବଷ୍ଟିମିଶ୍ର, ସହ ସମ୍ପାଦକ ଭାବେ ସୁଦର୍ଶନ ନାଏକ, କୋଷାଧ୍ୟକ୍ଷ ଭାବେ ସଞ୍ଜୀବ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ବୈଠକରେ ଦୁଷ୍ମନ୍ତ ଚୋପଦାର, ସୁଦେଶ ସାହୁ, ପେଟୁ ସାହାଣୀ, ଅନାଦି ପଟ୍ଟନାୟକ, ଲଳିତ ପୂଝାରୀ, ଶୈଳେଶ ସାହୁ, ସୁରଞ୍ଜିତ ସାହାଣୀ, ପ୍ରିୟରଞ୍ଜନ ବହିଦାର, ଦେବାଶିଷ ପୁରୋହିତ, ବିଭୁପ୍ରସାଦ ଷଡଙ୍ଗୀ, ଯୁଧିଷ୍ଠିର ବରାଇ, ବିକ୍ରାନ୍ତ ଚୋପଦାର, ରାଜେଶ ସାହୁ, ଶିବାନନ୍ଦ, ନିଖିଲ, ପିଙ୍କୁ, ଶିବ, ପ୍ରଭାତ, ସୁନୀଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**କେସିଙ୍ଗା,୨୪।୪(ଡି.ଏନ୍.ଏ.)**

ସମ୍ବଲପୁର ହନୁମାନ ଜୟନ୍ତୀରେ ହୋଇଥିବା ଆକ୍ରମଣର ପ୍ରତିବାଦ କରି କଳାହାଣ୍ଡି ଜିଲା କେସିଙ୍ଗାରେ ଭାଜପା ଓ ହିନ୍ଦୁ ସମାଜ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ମେହେର ଦାବିପତ୍ର ଗ୍ରହଣ କରିଥିଲେ। ସମ୍ବଲପୁରରେ ଗତ ୧୨ ତାରିଖରେ ହନୁମାନ ଭକ୍ତଙ୍କ ଉପରେ ହୋଇଥିବା ପଥର ମାଡ଼ ଓ ୧୪ ତାରିଖ ରାତିରେ ବନବାସୀ ଯୁବକଙ୍କ ହତ୍ୟାକୁ ଘୋର ନିନ୍ଦା କରାଯାଇଛି। ଏହା ନାଗରିକର ଧାର୍ମିକ ଆସ୍ଥା, ବିଶ୍ୱାସ ଓ ଧାର୍ମିକ ସ୍ୱତନ୍ତ୍ରତା ପ୍ରତି କୁଠାର ଘାତ ହୋଇଛି। ଏହା ଏକ ଆଇନଶୃଙ୍ଖଳା ବିଷୟ ନୁହେଁ ବରଂ ଏହା ଏକ ଦେଶଦ୍ରୋହ କାର୍ଯ୍ୟକଳାପ ବୋଲି ଅଭିଯୋଗ କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅତିଶୀଘ୍ର ଗିରଫ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କେସିଙ୍ଗା ବ୍ରାହ୍ମଣ ସମାଜ ସଭାପତି ପ୍ରଦୀପ୍ତ କୁମାର ରଥ, ଭାଜପା ନଗର ସଭାପତି ମଗନ ସନ୍ଧୂର, ଅରୁଣ ଅଗ୍ରୱାଲ, ଗୋବିନ୍ଦ ବନଛୋର ଓ ଭାଜପା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ହିନ୍ଦୁ ସଂଗଠନ ତରଫରୁ ବିକ୍ଷୋଭ



ହିନ୍ଦୁ ସଂଗଠନ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଦେଓଗାଁ,୨୪।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ସ୍ଥାନୀୟ ହିନ୍ଦୁ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଗତ ୧୨ତାରିଖରେ ସମ୍ବଲପୁରରେ ଘଟିଥିବା ହିଂସା ପ୍ରତିବାଦରେ ସଚେତନ ହିନ୍ଦୁ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ବାହାରି ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଏହାର ପ୍ରତିବାଦରେ ବିଭିନ୍ନ ନାରାବାଜି କରିଥିଲେ । ପରେ ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ବିକ୍ଷୋଭ ପ୍ରଦର୍ଶନରେ ଜୟନ୍ତୀ ମିଶ୍ର, ରଶ୍ମିତା ସାହୁ, ଡା. ଶଶୀ ଭୂଷଣ ସାହୁ, ସନ୍ୟାସୀ ବେହେରା, ଶ୍ୟାମ ସୁନ୍ଦର ସାହୁ, ଶଶୀ ପାଣିଗ୍ରାହୀ, ଶ୍ରୀକାନ୍ତ ଥନାପତି, ସୌମ୍ୟ ରଞ୍ଜନ ପୁରୋହିତ, ସରୋଜ ନାଏକଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଜିଲାପାଳଙ୍କ ଜନ ଶୁଣାଣି ଶିବିର



ଜିଲାପାଳଙ୍କ ଜନ ଶୁଣାଣି ଶିବିର।

**ଭବାନୀପାଟଣା,୨୪।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଥୁଆମୁଳ ରାମପୁର ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୬୪ ଜଣ ଆବେଦନକାରୀ ନିଜ ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୩୨ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୧୬ଟି ଅଭିଯୋଗର ସମାଧାନ ତତ୍କ୍ଷଣାତ କରାଯାଇଥିଲା। ଏଥିରେ ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାସଙ୍କ ସମେତ ସମସ୍ତ ଜିଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୪୦ ହଜାର ଲୁଟିନେଲେ ଦୁର୍ବୃତ୍ତ

**କର୍ଲାମୁଣ୍ଡା,୨୪।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଞ୍ଚଳରେ ସୋମବାର ଦିନଦ୍ୱିପହରରେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଜଣେ ବାଇକ୍ ଆରୋହୀଙ୍କଠାରୁ ୪୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ରିଷିଡ଼ା ଫାଣ୍ଡି ଅଧୀନ ଗଜବାହାଲ ଗ୍ରାମର ଟିକେଲାଲ ସାହୁ ଭାଇଙ୍କ ସହ କର୍ଲାମୁଣ୍ଡା ଏସବିଆଇରୁ ୪୦ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ଗାଁକୁ ଫେରୁଥିଲେ। ଏହି ସମୟରେ ପଛପଟୁ ଏକ ବାଇକରେ ୩ଜଣ ଦୁର୍ବୃତ୍ତ ଆସି ହଠାତ୍ ସାହୁଙ୍କ ସାମ୍ନାରେ ବାଇକ୍ ରଖିଦେଇଥିଲେ। ଭାରସାମ୍ୟ ହରାଇ ଦୁହେଁ ବାଇକ ସହ ପଡ଼ିଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଏକ ବାଡ଼ିରେ ସାହୁଙ୍କ ମୁଣ୍ଡରେ ଆକ୍ରମଣ କରିଥିଲେ। ଡିକି ଭାଙ୍ଗି ଟଙ୍କା ନେଇ କର୍ଲାମୁଣ୍ଡା ପଟକୁ ଦ୍ରୁତ ଗତିରେ ବାଇକ୍‌ରେ ପଳାଇ ଯାଇଥିଲେ। ଏ ନେଇ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ବଂଶୀଧର ସାମଲଙ୍କୁ ପଚାରିବାରୁ ତଦନ୍ତ ଚାଲିଥିବା କହିଛନ୍ତି।

# ଭତ୍ତା ଟଙ୍କାରୁ ବଞ୍ଚିତ ହିତାଧିକାରୀ

**ପଞ୍ଚାୟତକୁ ଦୌଡ଼ି ହେଲେଣି ନୟାନ୍ତ**

**ଲାଞ୍ଜିଗଡ଼,୨୪।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସଦର ଲାଞ୍ଜିଗଡ଼ ପଞ୍ଚାୟତରେ ୨ ମାସରୁ ଉର୍ଦ୍ଧ୍ୱ ହେଲା ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ମିଳିନି। ପଞ୍ଚାୟତରେ ୧୦ରୁ ଉର୍ଦ୍ଧ୍ୱ ଗ୍ରାମ ରହିଥିବା ବେଳେ ଭତ୍ତା ପାଇଁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ ପ୍ରାୟ ୭୦ ଜଣ ୨ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଖାଲି ସେତିକି ନୁହେଁ କେତେଜଣ ବର୍ଷ ବର୍ଷ ଧରି କାଗଜପତ୍ର ଦେଇ ମଧ୍ୟ ଭତ୍ତା ଯୋଜନାରେ ସାମିଲ ହୋଇ ପାରି ନାହାନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତକୁ ଦୌଡ଼ି ନୟାନ୍ତ ନୟାନ୍ତ ହେଉଛନ୍ତି ସିନା, ସେମାନଙ୍କ ଗୁହାରି ଶୁଣିବାକୁ କେହି ନାହାନ୍ତି ବୋଲି ସେମାନେ କହୁଛନ୍ତି। ଏନେଇ ଗତ ୧୭ ତାରିଖରେ ଲାଞ୍ଜିଗଡ଼ ସାପ୍ତାହିକ ହାଟରେ ପଞ୍ଚାୟତ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ଗ୍ରାମସଭାରେ ଭତ୍ତା ପାଇଁ ହିତାଧିକାରୀମାନେ ଅଭିଯୋଗ କରିଥିଲେ। ଆସନ୍ତା ୨୦ରେ ଭତ୍ତା ଦିଆଯିବ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଅନାଦି ଜାନୀ କହିଥିଲେ। ହେଲେ ହିତାଧିକାରୀମାନେ ପଞ୍ଚାୟତ ଅଫିସକୁ ଆସି ନିରାଶ ହୋଇ ଫେରୁଛନ୍ତି। ନିର୍ବାହୀ ଅଧିକାରୀ ଜାନୀଙ୍କ ଦେଖା ମିଳୁନାହିଁ କିମ୍ବା ଫୋନରେ ଯୋଗାଯୋଗ ମଧ୍ୟ ହୋଇପାରୁନାହିଁ। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୭୦ରୁ ୮୦ ହୋଇଥିବା ବେଳେ ଏମାନଙ୍କୁ ବାରମ୍ବାର ପଞ୍ଚାୟତକୁ ଡକାଇ ଦାୟିତ୍ୱରେ ଥିବା ଅଧିକାରୀ ତାରିଖ ପରେ ତାରିଖ ଦେଉଛନ୍ତି ବୋଲି ହିତାଧିକାରୀମାନେ କହିଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଞ୍ଚଳରେ ପାରଦ ୪୨ ଡିଗ୍ରୀ ଅତିକ୍ରମ କରିଛି। ଏପରି ଟାଣ ଖରାରେ ଘରୁ ପଦାକୁ ବାହାରି ହେଉ ନ ଥିବା ସମୟରେ ଭତ୍ତା ପାଇଁ ଏଭଳି ହଇରାଣ କରିବା ଘଟଣା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ବ୍ଲକ ଭତ୍ତା ଦାୟିତ୍ୱରେ ଥିବା ବିଏସ୍ଏସ୍ଓ ଅରବିନ୍ଦ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ମାର୍ଚ୍ଚ ମାସରୁ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଭତ୍ତା ଦିଆ ସରିଲାଣି। କିନ୍ତୁ ଲାଞ୍ଜିଗଡ଼ରେ କାହିଁକି ଦିଆଯାଇନି ପିଇଓଙ୍କ ସହ ଯୋଗାଯୋଗ ହୋଇପାରୁନାହିଁ। ବର୍ତ୍ତମାନ ଏପ୍ରିଲ ମାସର ଭତ୍ତା ବ୍ୟାଙ୍କକୁ ବିଳମ୍ବରେ ଆସିଛି। କାମ ଥିବାରୁ କାହାରିକୁ ଦିଆଯାଇନି। ଆସନ୍ତା ୨ ଦିନ ମଧ୍ୟରେ ଦିଆଯିବ ବୋଲି ସେ କହିଛନ୍ତି।

# ହିନ୍ଦୁ ବିରୋଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ରୁପ୍ରାରୋଡ଼,୨୪।୪(ଡି.ଏନ୍.ଏ.)**

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ପଥର ମାଡ଼ ଘଟଣା ଏବଂ ବନବାସୀ ଯୁବକଙ୍କୁ ହତ୍ୟା କରିବା ଘଟଣାକୁ ତୀବ୍ର ବିରୋଧ କରି ନର୍ଲା ହିନ୍ଦୁ ସଂଗଠନ ଦୃଢ଼ ଦାବି କରିଛି। ସୋମବାର ଏକ ଶୋଭାଯାତ୍ରାରେ ବାହାରି ହିନ୍ଦୁ ସୁରକ୍ଷାର ନାରା ଦେବା ସହ ଆନ୍ଦୋଳନକାରୀ ନର୍ଲା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଆଜି ଦେଶରେ ହିନ୍ଦୁ ଅସୁରକ୍ଷିତ ହୋଇପଡ଼ିଛି। କିଛି ଦେଶଦ୍ରୋହୀ ହିନ୍ଦୁର ଅସ୍ତିତ୍ୱକୁ ଲୋପ କରିବାକୁ ଦେଶରେ ଚକ୍ରାନ୍ତ ଚଳାଇଛନ୍ତି। ହିନ୍ଦୁ ସମାଜ କେବେ ଏହା ହେବାକୁ ଦେବ ନାହିଁ। ଆଗାମୀ ଦିନରେ ଏଥିପାଇଁ ବିପ୍ଲବ ହେବ ବୋଲି ଆନ୍ଦୋଳନକାରୀ କହିଥିଲେ। ବନବାସୀ ଯୁବକଙ୍କ ପରିବାରକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ସଂଗଠନ ଦାବି କରିଛି। ସାମ୍ବିଧାନିକ ମର୍ଯ୍ୟାଦାକୁ ଖୋଲାଖୋଲି ଉଲ୍ଲଂଘନ କରି ଧର୍ମୀୟ ଭାବନାରେ କୁଠାର ଘାତ କରିଥିବା ଅପରାଧୀଙ୍କୁ ଗିରଫ କରି କଠୋର ଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ନର୍ଲା ହିନ୍ଦୁ ସଂଗଠନର ବଦ୍ରି ନାରାୟଣ ମିଶ୍ର, ସାରଥି ନାୟକ, ଗଗନ ବିହାରୀ ସା, ପର୍ଶୁରାମ ପଣ୍ଡା, ଅଜୟ ନାୟକ, କୁମରମଣି ଶବର, ମନମୟ ଚାନ୍ଦ, ପଦ୍ମଲୋଚନ ଜାଲ, ଅନିରୁଦ୍ଧ ପ୍ରଧାନ, ସରୋଜ ବୁଦ୍ଧିଆ, ନବୀନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# କଳାହାଣ୍ଡିରେ ଫଳିଲା ସବୁଜ ସେଓ

**ଚର୍ଚ୍ଚାରେ ଯୁବ ଚାଷୀ କାଳେଶ୍ୱର**

**ଭବାନୀପାଟଣା,୨୪।୪(ସ୍ୱ.ପ୍ର.)**

ନିଜ ବାଡ଼ିରେ ସବୁଜ ସେଓ ଚାଷ କରି ଚର୍ଚ୍ଚାରେ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଛତିଶଗଡ଼ ସୀମାନ୍ତ କଦଳୀମୁଣ୍ଡା ଗ୍ରାମର ଯୁବ ଚାଷୀ କାଳେଶ୍ୱର କାଣ୍ଡ। ଜିଲାରେ ୪୦ ଡିଗ୍ରୀ ତାପମାତ୍ରାରେ ଏହା ଅସମ୍ଭବ ହୋଇଥିବା ବେଳେ ସେ ଏହାକୁ ସମ୍ଭବ କରି ଦେଖାଇଛନ୍ତି। ସେ ୫ମ ଯାଏଁ ପଢ଼ିଛନ୍ତି ସତ, ହେଲେ ୟୁଟ୍ୟୁବ ମାଧ୍ୟମରେ ପ୍ରେରଣା ଜ୍ଞାନ ଆହରଣ କରି ସେଓ ଚାଷ ପ୍ରତି ମନ ବଳାଇଥିଲେ। ହିମାଚଳ କୁଚିଣ୍ଡାର ଚାଷୀଙ୍କ ସହ ଯୋଗାଯୋଗ କରି ସେଓ ଚାଷ ଉପରେ ପଚାରି ବୁଝିଥିଲେ। ପ୍ରଥମେ ସେ ଗୋଟିଏ ଗଛ ଲଗାଇ ଏହି ଫଳ ଚାଷ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ସମୟରେ ଚାରା ପିଛା



ସେଓ ବଗିଚାରେ ପରିବାର ସହ ଚାଷୀ କାଳେଶ୍ୱର କାଣ୍ଡ।

୩୫୦ଟଙ୍କା ଦେଇ ୧୫୦ଟି ଚାରା ସେଠାରୁ ମଗାଇଥିଲେ। ସେହି ଚାରା ସବୁ ୧ ଏକର ଜମିରେ ଲଗାଇଥିଲେ। ଏଥିପାଇଁ ତାଙ୍କୁ ୨ ବର୍ଷରେ ପ୍ରାୟ ୨ଲକ୍ଷ ଟଙ୍କା ବିନିଯୋଗ କରିବାକୁ ପଡ଼ିଥିଲା। ତାଙ୍କ ସ୍ତ୍ରୀ ଏହି ଚାଷରେ ତାଙ୍କୁ ସହଯୋଗ କରିଛନ୍ତି। ବର୍ତ୍ତମାନ ଗଛରେ ସେଓ ଫଳିବା ଆରମ୍ଭ ହୋଇଛି। ବର୍ଷକୁ ୨୦ କୁଇଣ୍ଟାଲ ସେଓ ଅମଳ ହେବା ଆଶା ରଖିଥିବା ବେଳେ ଭବିଷ୍ୟତରେ ୧୦୦ରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଅମଳ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ସରକାରୀ ସାହାଯ୍ୟ ଓ ପ୍ରୋତ୍ସାହନ ମିଳିଲେ ଏହି ଫଳ ଚାଷକୁ ଆହୁରି ବଢ଼ାଇବା ପାଇଁ ସେ କହିଛନ୍ତି। ସହାୟତା ପାଇଁ ସେ ଉଦ୍ୟାନ ବିଭାଗର ସାହାଯ୍ୟ ନେଇଥିବା କହିଛନ୍ତି। ବର୍ତ୍ତମାନ ଏହି ଫଳ ବଗିଚାକୁ ଦେଖିବା ପାଇଁ ପ୍ରତ୍ୟେକ ଦିନ ଭିଡ଼ ଲାଗୁଛି। ଏହାରି ଭିତରେ ଦିଲ୍ଲୀର ଏକ ଟିମ୍ ତାଙ୍କ ବଗିଚାକୁ ପରିଦର୍ଶନ କରି ଫେରିଥିବା ଜଣାପଡ଼ିଛି। କାଳେଶ୍ୱର ପେସାରେ ଜଣେ ଚାଷୀ। ସେ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏବେ ଅନୁନ୍ନତ ଅଞ୍ଚଳରେ ସେଓ ଚାଷ କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ଯୁବକ ଗୁରୁତର

**ବାଉଁଶୁଣୀ,୨୪।୪ (ଡି.ଏନ.ଏ.):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗୁଦୁଗୁଦା ଛକରେ ସୋମବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଶିବ ନାଏକ (୨୫)। ସୂଚନା ଅନୁଯାୟୀ ଶିବ ବାଉଁଶୁଣୀରୁ ବାଇକ୍‌ରେ କଳାପଥର ଯାଉଥିଲେ। ଗୁଦୁଗୁଦା ଛକ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ଟି ରାସ୍ତାକଡ଼ ବାଡାକୁ ଧକ୍କା ଦେଇଥିଲା । ଫଳରେ ଶିବ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ବାଉଁଶୁଣୀ ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ହିନ୍ଦୁ ଜାଗରଣ ସମିତିର ସ୍ମାରକ ପତ୍ର ପ୍ରଦାନ

**ପଦ୍ମପୁର ୨୪।୪ (ଡି.ଏନ.ଏ.):** ସମ୍ବଲପୁରଠାରେ ଏପ୍ରିଲ ୧୨ତାରିଖରେ ହନୁମାନ ଜୟନ୍ତୀ ଉପଲକ୍ଷେ ବାହାରିଥିବା ବାଇକ ଶୋଭାଯାତ୍ରା ଉପରକୁ ଆକ୍ରମଣ ହୋଇଥିଲା। ୧୪ତାରିଖରେ ବନବାସୀ ଯୁବକଙ୍କୁ ହତ୍ୟା କରାଗଲା। ଶୋଭାଯାତ୍ରା ସମୟରେ ଭକ୍ତମାନଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରଶାସନିକ ଅବ୍ୟବସ୍ଥା ଏବଂ ସୂଚନାତନ୍ତ୍ରର ଅପାରଗତା ଦର୍ଶାଉଛି ବୋଲି କହିଛି ରାଜବୋଡାସମ୍ବର ହିନ୍ଦୁ ଜାଗରଣ ସମିତି। ସମିତି ଅଭିଯୋଗ କରିଛି ଯେ, ସେହି ସମୟରେ ଅତିକମ୍ ସଂଖ୍ୟକ କାର୍ଯ୍ୟରତ ପୋଲିସ ସ୍ଥାଣୁ ପାଲଟିଥିଲେ। ପୂର୍ବରୁ ଅବଗତ ଥାଇ ମଧ ପୋଲିସ ବିଭାଗର ଅଳ୍ପ ସଂଖ୍ୟକ ଉପସ୍ଥିତି, ପ୍ରଶାସନର କାର୍ଯ୍ୟକଳାପ ପ୍ରତି ସନ୍ଦେହ ସୃଷ୍ଟି କରୁଛି। ଏ ସବୁ ଘଟଣା ଭାରତୀୟ ନାଗରିକର ଧାର୍ମିକ ଆସ୍ଥା,ବିଶ୍ୱାସ ଓ ଧାର୍ମିକ ସ୍ୱତନ୍ତ୍ରତା ପ୍ରତି କୁଠାରଘାତ ଓ ସାମ୍ବିଧାନିକ ମର୍ଯ୍ୟାଦାର ଉଲ୍ଲଂଘନ। ଏଣୁ ଯଥାଶୀଘ୍ର ଦୋଷୀ ମାନଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରି ସମସ୍ତଙ୍କୁ ଗିରଫ କରିବାକୁ ହିନ୍ଦୁ ଜାଗରଣ ସମିତି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପଦ୍ମପୁର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

### ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

**ସମ୍ବଲପୁରରେ ହିଂସା ଘଟଣା**

**ସୋନପୁର,୨୪।୪(ନି.ପ୍ର.):** ହନୁମାନ ଜୟନ୍ତୀ ପାଳନ ଶୋଭାଯାତ୍ରା ସମୟରେ ସମ୍ବଲପୁରରେ ଗତ ୧୨ ତାରିଖରେ ହିଂସା ହୋଇଥିଲା । ପୋଲିସ ଉପସ୍ଥିତିରେ ହିନ୍ଦୁମାନଙ୍କ ଉପରେ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ଆକ୍ରମଣ ହୋଇଥିଲା । ସେହିପରି ୧୪ ତାରିଖରେ ଶୋଭାଯାତ୍ରା ଚାଲିଥିବା ବେଳେ ଜଣେ ହିନ୍ଦୁ ଯୁବକଙ୍କୁ ଆକ୍ରମଣ କରି ହତ୍ୟା କରା ଯାଇଥିଲା। ତେବେ ଏହି ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇ ନ ଥିବା ସୋନପୁର ହିନ୍ଦୁ ସମାଜ ପକ୍ଷରୁ ଅଭିଯୋଗ କରାଯାଇଛି । ରାଜ୍ୟ ସରକାର ତୁଷ୍ଟିକରଣ ନୀତି ଛାଡି ରାଜଧର୍ମ ପାଳନ କରିବାକୁ ସମାଜ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏହି ଘଟଣାର ତ୍ୱରିତ ତଦନ୍ତ ଓ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ହିନ୍ଦୁ ସମାଜ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଉଦ୍ଦେଶ୍ୟରେ ସୋମବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଇନଜୀବୀ ତଥା ହିନ୍ଦୁ ସମାଜର ସଭାପତି ରଶ୍ମି ରଞ୍ଜନ ଦାସଙ୍କ ନେତୃତ୍ୱରେ ବିଭିନ୍ନ ଆଧାତ୍ମିକ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ମାନବିକତା ଦେଖାଇଲେ ଅର୍ଥମନ୍ତ୍ରୀ

**ଦୁର୍ଘଟଣାରେ ଆହତ ମହିଳାଙ୍କୁ ଡାକ୍ତରଖାନା ପଠାଇଲେ**

**ସୋନପୁର,୨୪।୪(ନି.ପ୍ର.)**

ବାଇକ୍‌ରୁ ଖସି ପଡ଼ି ଗୁରୁତର ଆହତ ହୋଇଥିବା ଜଣେ ମହିଳାଙ୍କୁ ଡାକ୍ତରଖାନା ପଠାଇ ମାନବିକତା ଦେଖାଇଛନ୍ତି ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ । ମନ୍ତ୍ରୀଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି । ମନ୍ତ୍ରୀ ପୂଜାରୀ ସୋମବାର ଅପରାହ୍ନ ୨ଟାରେ ସୋନପୁରରୁ ତରଭା ବ୍ଲକର ଶିବତୁଳା ପଞ୍ଚାୟତକୁ ଯାଉଥିଲେ । ସେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ମହୁଲେ ବ୍ରିଜ୍ ନିକଟରେ ଜଣେ ମହିଳା ଦୁର୍ଘଟଣାରେ ଆହତ ହୋଇ ପ୍ରବଳ ଖରାରେ ଛଟପଟ ହେଉଥିବା ଦେଖିବାକୁ ପାଇଥିଲେ । ମନ୍ତ୍ରୀ ପୂଜାରୀ ନିଜ କାର ସେଠାରେ ଅଟକାଇ ଘଟଣା ସମ୍ପର୍କରେ ବୁଝିଥିଲେ । ଆଗ ମହିଳାଙ୍କୁ ଡାକ୍ତରଖାନା ନେବା ପାଇଁ ତାଙ୍କୁ ଏସ୍କର୍ଟ ଦେଉଥିବା ପୋଲିସ ଟିମ୍‌କୁ ମନ୍ତ୍ରୀ ପୂଜାରୀ




ଆହତ ଅବନ୍ତୀ ପଟ୍ଟନାୟକ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି (ବାମ)। ମନ୍ତ୍ରୀ ନିରଞ୍ଜନ ପୂଜାରୀ ଆହତ ମହିଳାଙ୍କୁ ପୋଲିସ ଏସକର୍ଟ ଗାଡିରେ ଡାକ୍ତରଖାନା ପଠାଉଛନ୍ତି ।

ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀ ସୁବର୍ଣ୍ଣପୁର ସିଡିଏମପିଏଚଓଙ୍କୁ ଫୋନ୍ ଯୋଗେ ଜଣାଇବା ସହ ମହିଳାଙ୍କୁ ଆବଶ୍ୟକ ଚିକିତ୍ସା କରିବା ପାଇଁ କହିଥିଲେ ।

ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଜାମଗାଁ ପଞ୍ଚାୟତ କାଲିବଣା ଗାଁର ଚିତ୍ତରଞ୍ଜନ ପଟ୍ଟନାୟକ(୪୦) ବାଇକ୍‌ରେ ଝିଅ ପରିଣିତା(୧୦) ଓ ପତ୍ନୀ ଅବନ୍ତୀ(୩୯)ଙ୍କୁ ବସାଇ ସୋନପୁର ଅଭିମୁଖେ ଆସୁଥିଲେ । ଅବନ୍ତୀ ପଛରେ ବସିଥିବା ବେଳେ ରାସ୍ତାରେ ଖସି ପଡିଥିଲେ। ତାଙ୍କ ମୁଣ୍ଡ ଓ ୨ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ରାସ୍ତାରେ ଯାଉଥିବା ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ମାତ୍ର ଫୋନ ଲାଗି ନ ଥିଲା। ଅବନ୍ତୀ ସେମିତି ରାସ୍ତା ପାର୍ଶ୍ୱରେ ପଡି ରହିଥିଲେ । ମନ୍ତ୍ରୀ ପୂଜାରୀ ମହିଳାଙ୍କୁ ଡାକ୍ତରଖାନା ପଠାଇବା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଶଲ୍ୟ ବିଭାଗ ୱାର୍ଡରେ ଚିକିତ୍ସା କରା ଯାଇଥିଲା। ତାଙ୍କ ମୁଣ୍ଡରେ ଏକାଧିକ ଷ୍ଟିଚ୍ ପଡିଛି। ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ରାତି ସାଢେ ୭ଟାରେ ଅବନ୍ତୀଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ସୂଚନାଯୋଗ୍ୟ ଯେ ଦୁର୍ଘଟଣାର ପ୍ରଥମ ୧ ଘଣ୍ଟା କୌଣସି ଆହତ ବ୍ୟକ୍ତିଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟ ଭିତରେ ଆହତଙ୍କୁ ଡାକ୍ତରଖାନାରେ ପହଞ୍ଚା ଯାଇ ପାରିଲେ ମୂଲ୍ୟବାନ ଜୀବନ ବଞ୍ଚି ଯାଇଥାଏ । କୌଣସି ସଙ୍କୋଚ ନ କରି ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନା ନେବା ପାଇଁ ସରକାର ଗୁଡ ସମରିଟାନ୍ ଆଇନ୍ କରିଛନ୍ତି । ଯେଉଁଥିରେ ଦୁର୍ଘଟଣାରେ ଆହତଙ୍କୁ ସହାୟତା କରିଥିବା ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଅଟକ ରହିବା କିମ୍ବା କୌଣସି ଅର୍ଥ ପୈଠ କରିବାର ଆବଶ୍ୟକତା ନାହିଁ । ବ୍ୟକ୍ତିଗତ ପରିଚୟ ଓ ଠିକଣା ପ୍ରକାଶ କରିବାରେ ମଧ ବାଧ ବାଧକତା ନାହିଁ । ଆଇନ ଅନୁଯାୟୀ ପୋଲିସ ପକ୍ଷରୁ ଏ ସମ୍ପର୍କରେ କୌଣସି କେସ ରୁଜୁ କରାଯିବ ନାହିଁ । ମାତ୍ର ଲୋକେ ଏ ବାବଦରେ ସଚେତନ ହେଉନାହାନ୍ତି। ଦୁର୍ଘଟଣାରେ ଆହତଙ୍କୁ ଦେଖି ଲୋକେ ନିଜ କାମରେ ଚାଲି ଯାଉଥିବା କେତେକାଂଶରେ ଦେଖିବାକୁ ମିଳୁଛି ।

# ଷଣ୍ଢା ଗ୍ରାମବାସୀଙ୍କ ପକ୍ଷରୁ ମୁଖ୍ୟଯନ୍ତ୍ରୀଙ୍କୁ ଦାବିପତ୍ର



ଚାଷୀମାନେ ଭୁବନେଶ୍ୱରଠାରେ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

**ଅମରପାଲି,୨୪।୪(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତର ବୃହତ୍ ଉଠା ଜଳସେଚନ ପ୍ରକଳ୍ପରୁ ଷଣ୍ଢା ଗ୍ରାମବାସୀ ପାଣି ନ ପାଇବା ନେଇ ସୋମବାର ଗ୍ରାମବାସୀ ଭୁବନେଶ୍ୱର ସ୍ଥିତ ଉଠାଜଳସେଚନ ମୁଖ୍ୟଯନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପ୍ରକଳ୍ପରୁ ପଞ୍ଚାୟତର ବିଭିନ୍ନ ଗ୍ରାମର ଚାଷ ଜମିକୁ ଜଳସେଚନ କରାଯିବ। ମାତ୍ର ପଞ୍ଚାୟତର ଷଣ୍ଢା ଗ୍ରାମର ଅଧିକାଂଶ ଚାଷ ଜମି ଜଳସେଚନରୁ ବଞ୍ଚିତ ହେବ। ଏନେଇ ଗ୍ରାମର ଚାଷୀମାନେ ଗୁରୁବାର ସୁବର୍ଣ୍ଣପୁର ଜିଲା ଉଠା ଜଳସେଚନ ବିଭାଗ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ତାଙ୍କ ଠାରୁ ସନ୍ତୋଷଜନକ ଉତ୍ତର ନ ପାଇବାରୁ ଗ୍ରାମର ଚାଷୀମାନେ ଭୁବନେଶ୍ୱର ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ ସରକାରଙ୍କ ତରଫରୁ ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତରେ ଏକ ବୃହତ୍ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ବୃହତ ଉଠାଜଳସେଚନ ପ୍ରକଳ୍ପ ପଞ୍ଚାୟତର ଗ୍ରାମଗୁଡିକର ଚାଷଜମି ଜଳସେଚନ କରାଯିବାର ବ୍ୟବସ୍ଥା କରାଯାଉଛି। ମାତ୍ର ଉକ୍ତ ପ୍ରକଳ୍ପରୁ ଷଣ୍ଢା ଗ୍ରାମର ଅଧିକଂଶ ଚାଷଜମିରେ ଜଳସେଚନ ହୋଇପାରିବ ନାହିଁ। ସରକାର ଯେଉଁ ଉଦ୍ଦେଶ୍ୟ ନେଇ ଉଠାଜଳସେଚନ ପ୍ରକଳ୍ପ କରୁଛନ୍ତି ତାର ସୁଫଳ ମିଳି ପାରିବ ନାହିଁ। ଏଣୁ ଗ୍ରାମର ଚାଷୀମାନେ ସୁବର୍ଣ୍ଣପୁର ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରି କିଭଳି ଗ୍ରାମର ସମସ୍ତ ଚାଷ ଜମିକୁ ଜଳସେଚନ ହୋଇପାରିବ ସେହି ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# ପଛୁଆବର୍ଗ ସର୍ଭେ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥିବୃନ୍ଦ ଓ ଅଙ୍ଗନୱାଡି କର୍ମୀମାନେ ।

**ଡୁଙ୍ଗୁରିପାଲି,୨୪।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହ ଠାରେ ଚାଲିଥିବା ପଛୁଆ ବର୍ଗର ସର୍ଭେ ସମ୍ବନ୍ଧୀୟ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୨ ଓ ୧୩ ତାରିଖରେ ଏହି ପ୍ରଶିକ୍ଷଣ ଶିବିର ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଥିଲା । ପ୍ରଶିକ୍ଷଣ ଶିବିରରେ ଡୁଙ୍ଗୁରିପାଲି ବିଡିଓ ତ୍ରିପୁର ମହାନନ୍ଦ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର ,ସିଡିପିଓ ଜୟନ୍ତୀ ଗଡ଼ତ୍ୟା, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଦେବଯାନୀ ବେହେରା, ଯୋଗ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ସିଆରସିସି ଥବିର ଦୋରା ଓ ସୁରେଶ ନାଏକ, ମାଷ୍ଟର ଟ୍ରେନର ଭାବରେ ଯୋଗ ଦେଇ ରାଜ୍ୟର ପଛୁଆ ବର୍ଗର ଲୋକମାନଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସଂପର୍କରେ ସର୍ଭେ ମାଧ୍ୟମରେ ତଥ୍ୟ ଗ୍ରହଣ କରାଯିବ ବୋଲି ବୁଝାଇଥିଲେ । ଏହି ସର୍ଭେ ଓଡ଼ିଶା ସରକାରଙ୍କ ଦ୍ୱାରା ଅଧିସୂଚିତ ୨୦୮ ପ୍ରକାର ପଛୁଆ ବର୍ଗ ଲୋକଙ୍କ ପାଇଁ ଉର୍ଦ୍ଦିଷ୍ଟ । ପରିବାର ମୁଖ୍ୟ କିମ୍ବା ଜଣେ ବରିଷ୍ଠ ସଦସ୍ୟ ସଦସ୍ୟାଙ୍କ ପରିବାରର ସମସ୍ତ ତଥ୍ୟ ସର୍ଭେ ସେଣ୍ଟରରେ ପ୍ରଦାନ କରାଯାଇପାରିବ । ପରିବାରର ରେଶନ କାର୍ଡ଼ ସହ ସମସ୍ତ ସଦସ୍ୟଙ୍କ ଯେ କୌଣସି ପରିଚୟ ପତ୍ର ଭୋଟର ପରିଚୟ ପତ୍ର , ପ୍ୟାନ କାର୍ଡ଼ ନେଇ ସର୍ଭେ ସେଣ୍ଟରକୁ ଯିବେ ଓ ବିନା ମୂଲ୍ୟରେ ଫର୍ମ ପୂରଣ କରିପାରିବେ କିମ୍ବା ମୋ ସେବା କେନ୍ଦ୍ରକୁ ଯାଇ ସ୍ଥିରୀକୃତ ଦେୟ ପ୍ରଦାନ କରି ଅନ୍‌ଲାଇନରେ ଫର୍ମ ପୂରଣ କରିପାରିବେ ବୋଲି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅଙ୍ଗନୱାଡ଼ି କର୍ମୀମାନଙ୍କୁ ମାଷ୍ଟର ଟ୍ରେନରମାନେ ପ୍ରଶିକ୍ଷଣ ଦେଇଥିଲେ । ଏହି ଚାରିଦିନିଆ ପ୍ରଶିକ୍ଷଣ ଶିବିରକୁ ରାଜ୍ୟସ୍ତରୀୟ ଏସି /ବିସି ପଛୁଆବର୍ଗର ପର୍ଯ୍ୟବେକ୍ଷକ ଆସି ନିରୀକ୍ଷଣ କରିଯାଇଥିଲେ । ପ୍ରଶିକ୍ଷଣ ଶିବିରରେ ଡୁଙ୍ଗୁରିପାଲି ସମନ୍ୱିତ ଶିଶୁ ବିକାଶ ବିଭାଗର ସୁପରଭାଇଜର, ସୀତା ମେହେର, ସୁନନ୍ଦା ମିଶ୍ର, ପ୍ରମିଳା ମିଶ୍ରଙ୍କ ସହ ମୋଟ ୧୧ଜଣ ପ୍ରଶିକ୍ଷଣରେ ଯୋଗ ଦେଇଥିଲେ । ଡିଇଓ ପଦ୍ମନାଭ ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ଫାଇନାନ୍ସ କମ୍ପାନୀର ଅର୍ଥ ନେଇ ଅଧିକାରୀ ଚମ୍ପଟ

**ବୌଦ୍ଧ,୨୪।୪(ସ୍ୱ.ପ୍ର.):** ବୌଦ୍ଧ ସହରର ବୁଟୁପାଲିଠାରେ ଖୋଲିଥିବା ଭିକ୍ଟର ଫାଇନାନ୍ସ କମ୍ପାନୀର ଜଣେ ଅଧିକାରୀ ଗ୍ରାହକମାନଙ୍କଠାରୁ ଆଦାୟ ହୋଇଥିବା ଅର୍ଥ ନେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ବୁଟୁପାଲିର ଅଚ୍ୟୁତାନନ୍ଦ ପଲିଆଙ୍କ ଘରେ ଭଡା ନେଇ କାର୍ଯ୍ୟ କରୁଥିବା ଭିକ୍ଟର ଫାଇନାନ୍ସ କମ୍ପାନୀରେ ଗ୍ରାହକ ସମ୍ପର୍କ ଅଧିକାରୀ ବାଉଁଶୁଣୀ ଥାନା ଛେଲିବାହାଲ ଗ୍ରାମର ରାଜେଶ କୁମାର ଲୁହା ଗ୍ରାହାକଙ୍କଠାରୁ ଆଦାୟ ହୋଇଥିବା ୨, ୧୭, ୩୭୫ ଟଙ୍କା ନେଇ ଫେରାର ହୋଇଯାଇଥିବା ନେଇ କମ୍ପାନୀର ପୋର୍ଟଫୋଲିଓ ମେନେଜର (ବୌଦ୍ଧଶାଖା) ଶମ୍ଭୁ ପ୍ରସାଦ ସେଠୀ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବୌଦ୍ଧ ଥାନା କେସ୍ ନମ୍ବର ୧୮୫/୨୩ରେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

### ପ୍ରତିବାଦରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ବୀରମହାରାଜପୁରରେ ବିଭିନ୍ନ ହିନ୍ଦୁ ସଙ୍ଗଠନ ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ସମ୍ବଲପୁର ହିଂସା ଘଟଣା**

**ଅମରପାଲି, ୨୪।୪ (ଡି.ଏନ.ଏ.)**

ହନୁମାନ ଜୟନ୍ତୀ ଅବସରରେ ସମ୍ବଲପୁରଠାରେ ବାଇକ୍ ଶୋଭାଯାତ୍ରା ସମୟରେ କେତେଜଣ ଅସାମାଜିକ ବ୍ୟକ୍ତି ଶୋଭାଯାତ୍ରା ଉପରକୁ ପଥରମାଡ କରିବା ସହ ଅରାଜକତା ସୃଷ୍ଟି କରିଥିଲେ। ଉକ୍ତ ଘଟଣା ନେଇ ସମ୍ବଲପୁରରେ ଉତ୍ତେଜନା ଦେଖା ଦେଇଥିଲା। ଏହି ଘଟଣାକୁ ବିରୋଧ କରି ସୋମବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ବିଭିନ୍ନ ହିନ୍ଦୁ ସଂଗଠନ ତରଫରୁ ପ୍ରତିବାଦ କରାଯାଇଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବୀରମହାରାଜପୁର ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ପୁରୁଷୋତମ ଧରୁଆଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ହିନ୍ଦୁ ସଙ୍ଗଠନର କର୍ମକର୍ତ୍ତା ଓ ସାଧୁସନ୍ଥ ଏକ ଶୋଭାଯାତ୍ରାରେ ଆସି ଦାବିପତ୍ର ପ୍ରଦାନ କରିଥିଲେ ।

# ଆଇନ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ,୨୪।୪(ସ୍ୱ.ପ୍ର.)**

ତାଲୁକା ଆଇନସେବା କମିଟି ହରଭଙ୍ଗା ପକ୍ଷରୁ ଚାରିଛକ ସ୍ଥିତ କୋର୍ଟ ପରିସରରେ ସୋମବାର ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ତଥା ହରଭଙ୍ଗା ତାଲକୁ ଆଇନସେବା କମିଟି ଅଧକ୍ଷ୍ୟ ଶୁଭଙ୍କର ମହାନ୍ତିଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆଇନର ବିଭିନ୍ନ ଦିଗ ଉପରେ ସଚେତନତା କରାଯାଇଥିଲା। ଶିବିରରେ ଓକିଲ ସଂଘ ସଭାପତି ଅକ୍ଷୟ କୁମାର ସାହୁ, ସମ୍ପାଦକ




ରଞ୍ଜିତ କୁମାର ପ୍ରଧାନ, କୋର୍ଟ କର୍ମଚାରୀ ସଞ୍ଜୀବ କୁମାର ବାଗ, ସୁମନ୍ତ ପ୍ରଧାନ, ପ୍ରବିଣ ସାହୁ, ରମାକାନ୍ତ ମିର୍ଦ୍ଧା, ତୁମ୍ବନାଥ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

### ନାବାଳିକାଙ୍କ ଆତ୍ମହତ୍ୟା

**ବାଉଁଶୁଣୀ,୨୪।୪(ଡି.ଏନ.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ଅଁଳାପାଲି ପଞ୍ଚାୟତ ସାହୁପଡା ରଣା ସାହିରେ ସୋମବାର ଜଣେ ନାବାଳିକା ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସାହିର ସନ୍ତୋଷ ରଣାଙ୍କ ବଡଝିଅ ସୃତି ରଣା (୧୫)। ସୂଚନା ଅନୁଯାୟୀ ପୂର୍ବାହ୍ନରେ ସୃତି ନିଜ ଘର ପାଖରେ ଥିବା ଛେଳି ଗୁହାଳରେ କୌଣସି କାରଣରୁ ଆତ୍ମହତ୍ୟା କରିଥିଲେ। ଅଜା ସାରଥୀ ରଣା ଏହା ଦେଖିବା ପରେ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନା ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଅରୁଣ କୁମାର ସିଂ କହିଛନ୍ତି।

### କୃତ୍ରିମ ହାତ, ଗୋଡ଼ ବଣ୍ଟନ ପ୍ରସ୍ତୁତି



ବୈଠକରେ ଉପସ୍ଥିତ ରୋଟାରୀ କ୍ଲବ ଅଫ୍ ବରଗଡ଼ର କର୍ମକର୍ତ୍ତାବୃନ୍ଦ ।

**ବରଗଡ଼ ଅଫିସ୍,୨୪।୪**

ରୋଟାରୀ କ୍ଲବ ଅଫ୍ ବରଗଡ଼ ସେଣ୍ଟ୍ରାଲ ଆନୁକୂଲ୍ୟରେ ମାଗଣା କୃତ୍ରିମ ଗୋଡ଼ ଏବଂ କୃତ୍ରିମ ଯାନ୍ତ୍ରିକ ହାତ ବଣ୍ଟନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଓ ପ୍ରକଳ୍ପ ଅଧ୍ୟକ୍ଷ ଅମିତ ଅଗ୍ରୱାଲ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଉକ୍ତ ଶିବିର ଆସନ୍ତା ଜୁନ ମାସ ୨୧ତାରିଖରୁ ୨୫ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି। ଏଥିପାଇଁ ରୋଟାରୀ କ୍ଲବ ଅଫ୍ ବରଗଡ଼ରେ ପଞ୍ଜିକରଣ କରିବାର ଆବଶ୍ୟକତା ରହିଛି ଏବଂ ଏହାର ଅବଧି ଆସନ୍ତା ୩୧ତାରିଖ ସୁଦ୍ଧା ରହିଛି ବୋଲି ସନ୍ଦୀପ ସାୱାଡ଼ିଆ ସୂଚନା ଦେଇଛନ୍ତି ।

# ହିନ୍ଦୁ ସମାଜ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**ବୌଦ୍ଧ,୨୪।୪(ସ୍ୱ.ପ୍ର.)**

ସମ୍ବଲପୁର ସହରରେ ଘଟିଥିବା ହିଂସାତ୍ମକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୌଦ୍ଧ ବ୍ଲକର ହିନ୍ଦୁ ଭାଇମାନେ ଏକ ଶୋଭାଯାତ୍ରାରେ ଆସି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ହିନ୍ଦୁମାନଙ୍କୁ ଆକ୍ରୋଶମୂଳକ ଗିରଫଦାରି ବନ୍ଦ କରିବାକୁ ଦାବି କରାଯାଇଥିଲା। ଶୋଭାଯାତ୍ରାରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଆର୍‌ଏସ୍‌ଏସ୍, ଭାରତୀୟ କିଷାନ ସଂଘ, ଗାୟତ୍ରୀ ପରିବାର, ଭାଜପା ନେତୃବର୍ଗ ଓ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।



ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

# ଓଷ୍ଟା ବୌଦ୍ଧ ଜିଲା ସାମ୍ବିଧାନିକ ସମ୍ମିଳନୀ

**ବୌଦ୍ଧ,୨୪।୪(ସ୍ୱ.ପ୍ର.)**

ହରଭଙ୍ଗା ବ୍ଲକ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ବୌଦ୍ଧ ଜିଲା ସାମ୍ବିଧାନିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓଷ୍ଟା ସଭାପତି ନିରୋଦ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ଓ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ସୁବର୍ଣ୍ଣପୁର ଓଷ୍ଟା ସମ୍ପାଦକ ସୁଶୀଳ କୁମାର ବିଶି, ବଲାଙ୍ଗୀର ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାରାକାନ୍ତ ମିଶ୍ର, ଓଷ୍ଟା ଜିଲା ସମ୍ପାଦକ ପୀତବାସ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତୃପ୍ତିରଞ୍ଜନ ଦାନି ପ୍ରମୁଖ ଯୋଗଦେଇ ମତାମତ ପ୍ରଦାନ କରିଥିଲେ। ଜିଲା ସମ୍ପାଦକ ପଣ୍ଡା ବିବରଣୀ ପାଠ କରିବାପରେ ସଭାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ହରଭଙ୍ଗା ବ୍ଲକ ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ ଅତିଥି ପରିଚୟ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଓଷ୍ଟା ବୌଦ୍ଧଜିଲା କାର୍ଯ୍ୟକର୍ତ୍ତା ପ୍ରକ୍ରିୟା ସମ୍ପାଦିତ ହୋଇଥିଲା। ସର୍ବସମ୍ମତିକ୍ରମେ ପୀତବାସ ପଣ୍ଡା ସଭାପତି, ନବ କିଶୋର ଦୀପ କାର୍ଯ୍ୟକାରୀ ସଭାପତି, ମନୋରଞ୍ଜନ ପ୍ରଧାନ, ବାଞ୍ଛାନିଧି ସାହୁ ଓ ସେବତୀ ଭାରତୀ ଉପସଭାପତି, ତୃପ୍ତିରଞ୍ଜନ ଦାନି ସାଧାରଣ ସମ୍ପାଦକ, ଲାଲବାହାଦୁର ମିଶ୍ର, ତପନ ନାୟକ, ପଦ୍ମିନୀ ସାହୁ ଯୁଗ୍ମ ସମ୍ପାଦକ, ବୃହସ୍ପତି କାଲସେ, ନାରାୟଣ ମେହେର, ମୁରଲିଧର ରଣା ଓ ବିଭୁତିଭୂଷଣ ମହାକୁଲଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ ମନୋନୀତ କରାଯାଇଥିଲା। ଓଷ୍ଟା ରାଜ୍ୟ ସଭାପତି ନବନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ପଦ ଓ ଗୋପନୀୟତା ଶପଥପାଠ କରାଇଥିଲେ। ଏହି ଅବସରରେ ରାଜ୍ୟ ସଭାପତି ପାଣିଗ୍ରାହୀଙ୍କୁ ସମ୍ମାନସୂଚକ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଶେଷରେ ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।



ଓଷ୍ଟାର ବୈଠକ

## ସଂକ୍ଷେପରେ

### ଡମ୍ଫର ଧକ୍କାରେ ବାଇକ୍ ଆରୋହୀ ମୃତ

କୁଆଁରମୁଣ୍ଡା,୨୪।୪(ଡି.ଏନ.ଏ.): ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ବାଲି ବୋଝେଇ ଡମ୍ଫର ଓ ବାଇକ୍ ମଧ୍ୟରେ ୧୪୩ ନମ୍ବର ଜାତୀୟ ରାଜପଥର ବୀରମିତ୍ରପୁର ଥାନା ଅନ୍ତର୍ଗତ ତଲସରା ନିକଟ ପାଣିଟାଙ୍କି ସମ୍ମୁଖରେ ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଡମ୍ଫର ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ମୃତକଙ୍କର ପରିଚୟ ଜଣାପଡିନାହିଁ। ଅନ୍ୟପକ୍ଷରେ ଉଭୟ ବାଇକ୍ ଓ ଡମ୍ଫର ଦୁର୍ଘଟଣାଗ୍ରସ୍ତ ହେବା ପରେ ଜଳୁଥିବା ପରିଲକ୍ଷିତ ହୋଇଛି। ଖବର ପାଇ କୁଆଁରମୁଣ୍ଡା ଅଗ୍ନିଶମ କର୍ମଚାରୀ ରବିନ୍ଦ୍ର ବେହେରା, ବିକ୍ରମ ଧରୁଆ ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଜଳନ୍ତା ଗାଡିଦ୍ୱୟରୁ ନିଆଁକୁ ଆୟତ୍ତ କରିଛନ୍ତି।



### ଯୁବକଙ୍କ ଛାତିରେ ଲୁହା ଛଡ଼ ଭୁସି ହତ୍ୟା ଉଦ୍ୟମ

ବଡ଼ଗାଁ, ୨୪।୪(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସିଙ୍ଗାରମୁଣ୍ଡା ଗ୍ରାମର ଜଣେ ଯୁବକଙ୍କ ଛାତିରେ ନିକଟବର୍ତ୍ତୀ ଗ୍ରାମର ଜଣେ ଯୁବକ ମୁନିଆ ଲୁହା ଛଡ଼ ଭୁସି ହତ୍ୟା ଉଦ୍ୟମ କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସିଙ୍ଗାରମୁଣ୍ଡା ଗ୍ରାମର ଯୋଗେଶ୍ୱର ରାଉତ(୩୮) ସାହାଜବାହାଲ ଗ୍ରାମର ଜଣେ ବ୍ୟକ୍ତିଙ୍କ ବିଲରେ ହଳ କରିବା ପାଇଁ ଟ୍ରାକ୍ଟର ନେଇ ଡ୍ରାଇଭର ରାଜୁ କିସାନଙ୍କ ସହିତ ଯାଇଥିଲେ। ସେଠାରୁ ମଧ୍ୟାହ୍ନ ୧୨ଟାରେ ନିଜ ଘରକୁ ଫେରୁଥିବାବେଳେ ସାହାଜବାହାଲ ଟଟଲୋପଡା ଗ୍ରାମର ରୋସନ ଡୁଙ୍ଗଡୁଙ୍ଗ ସୋରେଙ୍ଗ ପଡା ନିକଟରେ ଅଟକାଇଥିଲେ। ତମ ଘରେ କାମ କରିଥିବା ବାବଦ ସାଢ଼େ ଛ ଶହ ଟଙ୍କା ତୁରନ୍ତ ଏଠାରେ ଦିଅ କହିଥିଲେ। ଯୋଗେଶ୍ୱର ଦୁଇଟି ପାଞ୍ଚ ଶହ ଟଙ୍କିଆ ନୋଟ ଦେଇ ଖୁଚୁରା କରି ତମ ଟଙ୍କା ନେଇଯାଅ ଓ ବାକି ଟଙ୍କା ଫେରାଇବ କହିଥିଲେ। ଏଥିରେ ଉତକ୍ଷୀପତ ହୋଇ ଖୁଚୁରା କରିବାକୁ ଯିବିନାହି ତୁରନ୍ତ ଏଠାରେ ଦିଅ କହି ଅଡିବସିଥିଲେ। ଯୋଗେଶ୍ୱର ବୁଝାଇବାକୁ ଚେଷ୍ଟା କଲାବେଳେ ହଠାତ ହାତରେ ଧରିଥିବା ମୁନିଆ ଲୁହା ଛଡ଼ ତାଙ୍କ ଛାତି ରେ ଭୁଷି ଦେଇଥିଲେ। ଟ୍ରାକ୍ଟର ଡ୍ରାଇଭର ଛଡ଼ାଇବାକୁ ଚେଷ୍ଟା କଲାବେଳେ ତାଙ୍କ ହାତକୁ ବାଡ଼ି ଦାରା ମାଡମାରି କାହାକୁ ଫୋନ କରନାହିଁ କହି ଧମକ ଦେଇଥିଲେ। କୌଣସି ମତେ ରାଜୁ ଫୋନ କରି ଯୋଗେଶ୍ୱରଙ୍କ ଭାଇ ବାଳମୁକୁନ୍ଦଙ୍କୁ ଡ଼କାଇଥିଲେ। ବାଳମୁକୁନ୍ଦ ଓ ତାଙ୍କ ଭାଉଜ ଘଟଣାସ୍ଥଳକୁ ଆସି ବଡ଼ଭାଇଙ୍କୁ ଉଦ୍ଧାର କରିଥିଲେ। ଏହି ସମୟରେ ଆକ୍ରମଣକାରୀ ରୋସନ ସେମାନଙ୍କୁ ଛଡ଼ରେ ମାରିବାକୁ ଉଦ୍ଦାମ କରିଥିଲେ। ସମସ୍ତେ ମିଶି ତାଙ୍କୁ କାବୁ କରିଥିଲେ ଓ ମୁନିଆ ଲୁହା ଛଡ଼, ଗୁଲେସ ବାଟୁଲି ଏବଂ ଏକ କଇଁଚି ଛଡ଼ାଇ ରଖିଥିଲେ। ଏହାପରେ ମଧ ରୋସନ ଆହତ ଯୋଗେଶ୍ୱରଙ୍କ ସ୍ତ୍ରୀଙ୍କୁ ଡ୍ୟୁଟି ଗଲାବେଳେ ରାସ୍ତାରେ ମାରିଦେବା ଓ ଡ୍ରାଇଭର ରାଜୁକୁ ଘରେ ପଶି ମାରିବି କହି ଧମକ ଦେଇଥିଲେ। ଆହତ ଯୋଗେଶ୍ୱରଙ୍କୁ ସୁନ୍ଦରଗଡ ସରକାରୀ ମେଡିକାଲକୁ ନେଇ ଭର୍ତି କରାଯାଇଛି। ରୋସନକୁ ଧରି ଥାନାରେ ଜିମା ଦେଇଛନ୍ତି। ତାଙ୍କ ଭାଇ ବାଳମୁକୁନ୍ଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ପ୍ରଥମ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଶୁଭାରମ୍ଭ

ଦେବଗଡ଼, ୨୪।୪(ଡି.ଏନ.ଏ.)

ଏକ ଫସଲୀ ଦେବଗଡ ଜିଲାର ଚାଷୀ ରୋଜଗାର ପାଇଁ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରୁଥିଲେ । ଏବେ କିନ୍ତୁ ଗୋରୁ ପାଳନ କରି ସ୍ୱାବଲମ୍ବୀ ହେବା ସହ ଦୁଗ୍ଧ ବିକ୍ରି କରି ଅଧିକ ରୋଜଗାର କରିପାରିବେ। ପୂର୍ବଭଳି ଦୁଗ୍ଧ ବିକ୍ରିରେ ଆଉ ସମସ୍ୟା ରହିବନି କି ଉଚିତ ମୂଲ୍ୟରୁ ବଞ୍ଚିତ ହେବାକୁ ପଡିବ ନାହିଁ। ଏଥିପାଇଁ ସୋମବାର ବାରକୋଟ ବ୍ଲକ ବଳମ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଦେବଗଡ ଜିଲାର ପ୍ରଥମ ଦୁଗ୍ଧ ଶୀତଳିକରଣ କେନ୍ଦ୍ର ଶୁଭାରମ୍ଭ ହୋଇଛି। ଏହାକୁ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରଦୀପ ପ୍ରଜ୍ୱଳନ ସହିତ ଫିତାକାଟି ଉଦଘାଟନ କରିଛନ୍ତି। ପୂର୍ବାହ୍ନରେ ସମ୍ବଲପୁର ଦୁଗ୍ଧ ସମବାୟ ସମିତିର ଜେନେରାଲ ମ୍ୟାନେଜର



ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଶୁଭାରମ୍ଭ କରାଯାଉଛି।

ଡକ୍ଟର ସରୋଜ କୁମାର ସାହୁଙ୍କ ସଭାପତିତ୍ୱ ଓ ସହକାରୀ ପରିଚାଳକ ଡକ୍ଟର ସଞ୍ଜୀବ କୁମାର ଶତପଥିଙ୍କ ପରିଚାଳନାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ଉପାଧ୍ୟାୟ ଗୋରୁ ପାଳନ ତଥା ଦୁଗ୍ଧ ଚାଷ ପାଇଁ

**ଦେବଗଡ ଜିଲାର ପ୍ରଥମ**

ଜିଲା ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ କହିଥିଲେ। ଏହି ଯୋଜନାରେ ଦୁଗ୍ଧ ଚାଷୀଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ସାମିଲ କରାଯାଇ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ। ଜିଲାରେ କିଭଳି ଅଧିକ ଦୁଗ୍ଧ ଉତ୍ପାଦନ ହୋଇପାରିବ ସେନେଇ ମିଶନ ମୋଡରେ କାମ କରାଯିବ ବୋଲି ଜିଲାପାଳ ଉପାଧ୍ୟାୟ ପ୍ରକାଶ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସତ୍ୟ ରଞ୍ଜନ ରାଉତ, ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦକ ସଂଘର ସଭାପତି ବିଦ୍ୟାଧର ପ୍ରଧାନ, ବଳମ ଗ୍ରାମ ପଞ୍ଚାୟତର ସରପଞ୍ଚ ଅମୃତି ନାୟକ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଲଳିତ ମୋହନ ସାହୁ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଶିକ୍ଷାବିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଶରତ କୁମାର ବେହେରା, ବାରକୋଟ ବ୍ଲକର ବିଡିଓ ବିଜୟ କୁମାର ସୋଏ, ସହକାରୀ ଯନ୍ତ୍ରୀ ମନୋଜ କୁମାର ସାହୁ,କନିଷ୍ଠ ଯନ୍ତ୍ରୀ ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟଯେ, ନୂତନ ଭାବେ ସ୍ଥାପିତ ଏକ ହଜାର ଲିଟର କ୍ଷମତା ସମ୍ପନ୍ନ ଏହି ଦୁଗ୍ଧ ଶୀତଳିକରଣ କେନ୍ଦ୍ର ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ବଳମ, କଣ୍ଢେଳ, ନୁଆଁଗାଁ ଓ ବସାଲଇ ଆଦି ୪ଟି ସୋସାଇଟି ଜରିଆରେ କ୍ଷୀର ସଂଗ୍ରହ କରାଯାଇଥିଲା।

# ଲହୁଣୀପଡ଼ା ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା



ଅକ୍ଷୟ ତୃତୀୟା ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଲହୁଣୀପଡ଼ା, ୨୪।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଦର୍ଜିଂ ପଞ୍ଚାୟତ କୁତାପଡା ଗ୍ରାମରେ ରବିବାର କୃଷି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା ପାଳନ କରାଯାଇଥିଲା। ଏହି ଅବସରରେ ପ୍ରଥମେ ପୂଜାର୍ଚ୍ଚନା କରାଯିବା ସହିତ ଅଖିମୁଠି ଅନୁକୂଳ କରାଯାଇଥିଲା। ଏହା ପରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଜୁଲିଆନି କାଣ୍ଡିର, ସମ୍ମାନିତ ଅତିଥି ଭାବେ ଦର୍ଜାଂ ପଞ୍ଚାୟତ ସରପଞ୍ଚ ସିଂ ରାୟ ମୁଣ୍ଡା, ଆତ୍ମା ଅଧକ୍ଷା ନମିତା ମାହାନ୍ତ, ଏଏଫ୍ଓ ମୃତ୍ୟୁଞ୍ଜୟ ଘଡେଇ, କରୁଣାକାନ୍ତି ଟେଟେ ଯୋଗଦେଇଥିଲେ। କୃଷି ଅଧିକାରୀ ସୁଶାନ୍ତ କୁମାର ମାଟିଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ରହିଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ଶେଷରେ କୃଷି ଅଧିକାରୀ ରିଦ୍ଧି ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। କୃଷି ବିଭାଗ କର୍ମଚାରୀ ବିଶ୍ୱଜିତ ସେନାପତି, ବିଜୟ ବେଉରା, ଶ୍ରୀକାନ୍ତ ପତି, ସୁଧୀର ପ୍ରଧାନ, ରାଜେଶ ମାହାନ୍ତ ପ୍ରମୁଖଙ୍କ ସମେତ ଚାଷୀ ଶଙ୍କର ମାହାନ୍ତ, କାମେଶ୍ୱର ମାହାନ୍ତ, ଗଣେଶ ମାହାନ୍ତ, ବୈଦ୍ୟନାଥ ମାହାନ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ହିନ୍ଦୁ ସମାଜର ସ୍ମାରକପତ୍ର



ବଡ଼ଗାଁରେ ହିନ୍ଦୁ ସମାଜର ଲୋକେ ଶୋଭାଯାତ୍ରାରେ ଯାଉଛନ୍ତି।

ବଡ଼ଗାଁ, ୨୩।୪(ଡି.ଏନ୍.ଏ.)

ସମ୍ବଲପୁର ସହରରେ ଘଟିଯାଇଥିବା ହିଂସା, ବନବାସୀ ଯୁବକଙ୍କୁ ହତ୍ୟା ଘଟଣାର ପ୍ରତିବାଦ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି ହିନ୍ଦୁ ସମାଜ। ସୋମବାର ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାରୁ ଶୋଭାଯାତ୍ରାରେ ବ୍ଲକକୁ ଆସି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ କ୍ଷମାନିଧି ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବାହ୍ନରେ

**ସମ୍ବଲପୁର ହିଂସା ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି**

ହିନ୍ଦୁ ସମାଜର ଲୋକେ ଡାକବଙ୍ଗଳାରେ ସମବେତ ହେଲାପରେ ସମ୍ବଲପୁର ହିଂସା ଘଟଣାକୁ ନେଇ ଆଲୋଚନା ହୋଇଥିଲା। ଏହି ଘଟଣାରେ ସରକାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା, ହିଂସା ଓ ହତ୍ୟା ସୁନିୟୋଜିତ ହୋଇଥିବା, ପ୍ରଶାସନିକ ଅବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଏହି ଘଟଣାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଓ ନିର୍ଦ୍ଦେଶ ପାଇଁ ନିଷ୍ପତ୍ତି ନେଇ ଦାବିପତ୍ର ଦିଆଯାଇଥିଲା। ସନାତନ ନାଏକଙ୍କ ନେତୃତ୍ୱରେ ନେତ୍ରାନନ୍ଦ ପୃଷେଟ, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ସୁନିଲ ନାଏକ, ଭାରତଚନ୍ଦ୍ର ରାଉତ, ଜିତାରାଣି ପାଣିଗ୍ରାହୀ, ରାଜେଶ୍ୱରୀ କାଲୋ, ମୋହନ ନାଏକ, ଫକିର ବାଡ଼ା, ହରିହର ସା, କିଶୋର କୁମାର୍ କେଶରୀ, ମନୋଜ ଟପୋ ପ୍ରମୁଖ ବ୍ୟକ୍ତିମାନେ ଶୋଭାଯାତ୍ରାରେ ଯାଇ ଦାବିପତ୍ର ଦେଇଥିଲେ।

# ନୂଆଗାଁ ବ୍ଲକରେ ଯୁଗ୍ମ ଜନଶୁଣାଣି ଶିବିର

ସୁନ୍ଦରଗଡ଼/ନୂଆଗାଁ, ୨୪ ।୪(ଡି.ଏନ.ଏ.)

ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲାପାଳ ପରାଗ ହର୍ଷଦ ଗାଭାଲି ଏବଂ ସୁନ୍ଦରଗଡ଼ ଏସ୍‌ପି ପ୍ରତିୁଷ୍ୟ ଦିବାକର ଉପସ୍ଥିତ ରହି ସାଧାରଣ ଲୋକଙ୍କ ପକ୍ଷରୁ ଆସିଥିବା ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ। ଏହି ଜନଶୁଣାଣିରେ ମୋଟ ୬୬ଟି ଅଭିଯୋଗ ଭିତରୁ ୩ଟିର ସମାଧାନ ତୁରନ୍ତ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ବିଚାର କରାଯାଇ ଶୀଘ୍ର ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକର ୨୦ ପଞ୍ଚାୟତର ସାଧାରଣ ଲୋକ ଭାଗ



ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ।

ନେଇଥିଲେ। ସେମାନେ ପାନୀୟ ଜଳ ସମସ୍ୟା, ବିଦ୍ୟୁତ୍ ଯୋଗାଣ, ରାସ୍ତାଘାଟ, କଲଭର୍ଟ ବ୍ରିଜ ନିର୍ମାଣ, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଅଙ୍ଗନୱାଡ଼ିରେ ରହିଥିବା ବିଭିନ୍ନ ସମସ୍ୟା, ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା, ଜମିଜମା ବିବାଦ ଆଦି ଅଭିଯୋଗ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଜନଶୁଣାଣିରେ ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ପାନପୋଷ ଉପଜିଲାପାଳ ଅଭିମନ୍ୟୁ ଜେନା, ନୂଆଗାଁ ବ୍ଲକ ଅଧକ୍ଷ ବିଶ୍ୱାସୀ ଟପ୍ପୋ, ନୂଆଗାଁ ବ୍ଲକ ବିଡିଓ ବିକ୍ରାନି କିସ୍ପଟ୍ଟା ଏବଂ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରେନ୍ଦ୍ର କୁମାର ସର ଉପସ୍ଥିତ ଥିଲେ।

### ଗ୍ୟାସ୍ ଲିକ୍ ଯୋଗୁ ନିଆଁରେ ପୋଡି ମହିଳା ଗୁରୁତର

ରାଉରକେଲା ଅଫିସ,୨୪।୪

ଟାଙ୍ଗରପାଲି ଥାନା ଅନ୍ତର୍ଗତ ମଟରଇଣ୍ଡିଆ ଅଞ୍ଚଳରେ ଜଣେ ମହିଳା ଗ୍ୟାସଲିକ ଯୋଗୁ ନିଆଁରେ ଜଳି ଗୁରୁତର ହୋଇଛନ୍ତି। ଗୁରୁତର ହୋଇଥିବା ମହିଳାଙ୍କ ନାମ ଅନ୍ନପୂର୍ଣ୍ଣା ସାହୁ । ସୂଚନାଯୋଗ୍ୟ, ମଟରଇଣ୍ଡିଆ ଅଞ୍ଚଳରେ ଅନ୍ନପୂର୍ଣ୍ଣା ପରିବାର ସହ ବାସ କରନ୍ତି। ସୋମବାର ସନ୍ଧ୍ୟାରେ ଗ୍ୟାସରେ ଜଳିଖିଆ ତିଆରି କରିବା ପାଇଁ ଚୂଲା ଲଗାଉଥିବାବେଳେ ହଠାତ ଗ୍ୟାସଲିକ ଯୋଗୁ ନିଆଁ ଖେଳାଇ ହୋଇଯାଇଥିଲା। ଫଳରେ ମହିଳା ଜଣଙ୍କ ନିଆଁ କବଳରେ ଆସିଯିବାରୁ ତାଙ୍କ ଶରୀର ବିଭିନ୍ନ ଅଂଶ ଜଳି ଯାଇଥିଲା। ଏହି ଦୃଶ୍ୟ ଦେଖି ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସାଲାଗି ଆରଜିଏଚରେ ଭର୍ତ୍ତି କରିଥିଲେ। ତାଙ୍କ ଶରୀର ୪୦ ପ୍ରତିଶତ ପୋଡି ଯାଇଥିବା ଡାକ୍ତରୀସୂତ୍ରରୁ ଜଣାପଡିଛି।

### ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ବିଶ୍ୱ ଧରିତ୍ରୀ ଦିବସ

ସୁନ୍ଦରଗଡ଼,୨୪।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ଲଳିତ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇକୋ କ୍ଲବ କୋଡିନେଟର ଅଧାପକ ରତନେସ ରଞ୍ଜନ ପରିଚାଳନା କରିଥିଲେ। ଭୂତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଶିବ ପ୍ରସାଦ ମହାନ୍ତି ବିଚାରକ ଦାୟିତ୍ୱ ତୁଲାଇଥିଲେ। ପରେ ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୃଥିବୀକୁ କିପରି ରକ୍ଷା କରିବା ସହ ବାୟୁ, ଜଳ ଓ ମୃତ୍ତିକା ପ୍ରଦୂଷଣ ରୋକିବା, ପ୍ଲାଷ୍ଟିକ ଓ ଏହାର ପରିବେଶ ପ୍ରତି ଅପକାରିତା, ଅଧିକ ପରିମାଣରେ ବୃକ୍ଷ ରୋପଣ କରିବା ବିଷୟରେ ଆଲୋଚନା କରାଯାଇଥିଲା। ପରିବେଶ ସଚେତନତା ସହିତ କୁଇଜ, ପ୍ରବନ୍ଧ, ଡ୍ରଇଁ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ୩୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟର ପ୍ରଫେସର ମନୋଜ କୁମାର ନାୟକ ବିଚାରକଭାବେ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅଧକ୍ଷଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# କୁତ୍ରାରେ ଅଷ୍ଟପ୍ରହର ନାମଯଜ୍ଞ



କୁତ୍ରା,୨୪।୪(ଡି.ଏନ୍.ଏ.)

ଅକ୍ଷୟ ତୃତୀୟା ଅବସରରେ ସୁନ୍ଦରଗଡ଼ ଜିଲା କୁତ୍ରା ଅଷ୍ଟପ୍ରହରୀ ନାମଯଜ୍ଞ କମିଟି ପକ୍ଷରୁ କୁତ୍ରା ମନ୍ଦିରରେ ରବିବାରରୁ ଆରମ୍ଭ ହୋଇଥିବା ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ସୋମବାର ଶେଷ ହୋଇଛି। ଏଥିରେ ୧୧ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ରବିବାର ସକାଳୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ସୋମବାର ନାମ ସମାପନ, ନଗର ପରିକ୍ରମା, ଦହିହାଣ୍ଡି ଭଞ୍ଜନ, ଜମୁନା ସ୍ନାନ ଓ ପ୍ରସାଦ ସେବନ ହୋଇଥିଲା। ଏହି ସଂକୀର୍ତ୍ତନରେ ଆଧୁନିକ ସଂକୀର୍ତ୍ତନ ଦଳ ସମସ୍ତଙ୍କ ମନ ମୋହିଥିଲା। ଏଥିରେ ଗୋବିନ୍ଦ ଚନ୍ଦ୍ର ନାୟକ ଓ ଗୀତାରାଣୀ ନାୟକ କର୍ତ୍ତାଭାର ତୁଲାଇଥିଲେ। ଅଷ୍ଟପ୍ରହରୀ ନାମଯଜ୍ଞ କମିଟି ତରଫରୁ ଗଣେଷ ନାୟକ, ମୁନ୍ନା ନାୟକ, ତରୁଣୀଲତା ସୁନ୍ୟାନି, ପ୍ରମିଳା ନାୟକ, ପଙ୍କଜିନୀ ନାୟକ, ମନ୍ଦାକିନୀ ପଟେଲ, ବାସନ୍ତି ନାୟକ, ନିଦ୍ରା ନାୟକ, ପ୍ରେମସିଲା ସାହୁ, ପୂର୍ଣ୍ଣିମା ସାହୁ, କୁନି ସାହ, ବେଦମତି ସାହୁ,ଛବିଳ ସାହୁ, ରାଜିବ ନାୟକ, ରାଜା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ୱାର୍ଡସଭ୍ୟଙ୍କ ତାଲିମ କାର୍ଯ୍ୟକ୍ରମ



ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଡିଓ, ଅଧକ୍ଷା ଓ ଅନ୍ୟମାନେ।

ବଡ଼ଗାଁ, ୨୩।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଫିସ ସଭାଗୃହରେ ସୋମବାର ୱାର୍ଡମେମ୍ବରମାନଙ୍କ ପାଇଁ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) କ୍ଷମାନିଧି ଭୋଇ, ଏବିଡିଓ ଉଷାବତୀ ଗରଡିଆ, ଏପିଓ ତପନ କୁମାର ପୂଜାରୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିଲ୍ଲୀପ କୁମାର ମାଝି ଦାୟିତ୍ୱରେ ଥିବା ଗ୍ରାମପଞ୍ଚାୟତ ଅଧିକାରୀ ସୁଜିତ କୁମାର ଦାସଙ୍କ ସହିତ ବ୍ଲକ କର୍ମଚାରୀମାନେ ଯୋଗଦେଇଥିଲେ। ପ୍ରଶାସନ ତରଫରୁ ଆୟୋଜିତ ଏହି

**ଦକ୍ଷତା ବୃଦ୍ଧି, ଦାୟିତ୍ୱ, କାର୍ଯ୍ୟକାରୀ ଯୋଜନା ଉପରେ ତାଲିମ**

କାର୍ଯ୍ୟକ୍ରମରେ ମୁଖ୍ୟତଃ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା, ୱାର୍ଡ ମେମ୍ବରଙ୍କ ଦକ୍ଷତା ବୃଦ୍ଧି, ଦାୟିତ୍ୱ, ପଞ୍ଚାୟତଗୁଡ଼ିକର କାର୍ଯ୍ୟକାରିତା ଓ ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ବିଡ଼ିଓ ଭୋଇ ୱାର୍ଡ ମେମ୍ବରମାନଙ୍କ ଦାୟିତ୍ୱ ଓ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକରେ ୱାର୍ଡମେମ୍ବରମାନଙ୍କ ଭୂମିକା ଉପରେ ଅବଗତ କରାଇଥିଲେ।

# ହିନ୍ଦୁ ସଙ୍ଗଠନ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ଦେବଗଡ଼, ୨୪।୪(ଡି.ଏନ.ଏ)

ସମ୍ବଲପୁରରେ ବନବାସୀ ଯୁବକଙ୍କୁ ହତ୍ୟା ଘଟଣାକୁ ତିଲେଇବଣି ବ୍ଲକ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ନିନ୍ଦା କରାଯାଇଛି । ଉପରୋକ୍ତ ଘଟଣାରେ ସଙ୍ଗଠନ ପକ୍ଷରୁ ପ୍ରଶାସନିକ ଅପାରଗତା,ପୁଲିସର ନିଷ୍କ୍ରିୟତା ଓ ଗୁଇନ୍ଦା ବିଭାଗର ବିଫଳତାକୁ ଦାୟୀ କରାଯିବା ସହ ଏ ଘଟଣା ନାଗରିକଙ୍କ ଧାର୍ମୀକ ଆସ୍ଥା, ବିଶ୍ୱାସ ଓ ଧାର୍ମୀକ ସ୍ୱନ୍ତ୍ରତା ପ୍ରତି କୁଠାରଘାତ ବୋଲି ଅଭିଯୋଗ କରାଯାଇଛି। ପୂର୍ବାହ୍ନରେ ତିଲେଇବଣି ବ୍ଲକ ସମଗ୍ର ହିନ୍ଦୁ ସମାଜର ସେବକ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ବେହେରା, ଦିଲ୍ଲୀପ କୁମାର ପାଢୀ, ସୁଶୀଳ କୁମାର ଶବର, ପ୍ରମୋଦ କୁମାର ନାୟକ, ବିନୋଦ ବିହାରୀ ସାହୁ, ହରିହର ସାହୁ, ଉମେଶ ଚନ୍ଦ୍ର ଗଡନାୟକ, ଶରତ ପ୍ରଧାନ ଓ ସତ୍ୟ କୁମାର ସାହୁଙ୍କ ସମେତ ତିଲେଇବଣି ବ୍ଲକ ସମଗ୍ର ହିନ୍ଦୁ ସମାଜର ବହୁ ସଦସ୍ୟ ତିଲେଇବଣି ଛକରୁ ବିଭିନ୍ନ ସ୍ଲୋଗାନ ସହ ଏକ ଶୋଭାଯାତ୍ରାରେ ବାହାରି ତିଲେଇବଣି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ତିଲେଇବଣି ବ୍ଲକ ଅଧକ୍ଷା ପ୍ରୟଦର୍ଶିନୀ ମିର୍ଦ୍ଧାଙ୍କୁ ସାକ୍ଷାତ କରି ଏମର୍ମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।




ହିନ୍ଦୁ ସମାଜ ପକ୍ଷରୁ ଶୋଭାଯାତ୍ରା।

# ନାଟକ ସୁରକ୍ଷାର ପଥେ ମଞ୍ଚସ୍ଥ

**ଆରଏସ୍‌ପି ପକ୍ଷରୁ ଦୁର୍ଘଟଣାକୁ ପରାହତ କରିବା ପାଇଁ ନାଟକ ପରିବେଷଣ**

ରାଉରକେଲା ଅଫିସ, ୨୪।୪

ଆରଏସପି ଟ୍ରାଫିକ ଓ କଞ୍ଚାମାଲ ବିଭାଗ ପକ୍ଷରୁ ଆୟୋଜିତ ସୁରକ୍ଷା ପ୍ରଦର୍ଶନୀ ୨୦୨୩ର ଉଦ୍‌ଯାପନୀ ଉତ୍ସବରେ ବିଭାଗର କର୍ମଚାରୀମାନଙ୍କ ପକ୍ଷରୁ ସୋମବାର ସୁରକ୍ଷାର ପଥେ ନାଟକ ମଞ୍ଚସ୍ଥ ହୋଇଯାଇଛି। ଏ ଅବସରରେ ଆର୍‌ଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ ଶତପଥି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଦକ୍ଷିଣ ପୂର୍ବାଞ୍ଚଳ ରେଳବାଇ,ବଣ୍ଡାମୁଣ୍ଡାର ଏଆରଏମ୍



ନାଟକ ଉପଲକ୍ଷେ କଳାକାରମାନେ ସୁରକ୍ଷା ଶପଥପାଠ କରୁଛନ୍ତି।

ଆର.କେ ମହାନ୍ତି, ମୁଖ୍ୟ ମହାପ୍ରବନ୍ଧକ ସମେତ ବରିଷ୍ଠ ଅଧିକାରୀ, ବିଭାଗର କର୍ମଚାରୀ ଓ ଠିକା ଶ୍ରମିକମାନେ ଉପସ୍ଥିତ ଥିଲେ। ଡିଆଇସି ଅନ୍ୟ ଅତିଥିମାନେ ମିଶି ପ୍ରତିଯୋଗିତା ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ଷ୍ଟଲ ଗୁଡ଼ିକୁ ବୁଲି ଦେଖିଥିଲେ ଓ ପ୍ରଦର୍ଶିତ ସୁରକ୍ଷା ପୋଷ୍ଟର ପ୍ରତି ନିଜ ଆଗ୍ରହ ପ୍ରକାଶ କରିଥିଲେ। ଏହି ଅବସରରେ ଭୌମିକ ନିଜସ୍ୱ ବକ୍ତବ୍ୟରେ ସୁରକ୍ଷା ଭିତ୍ତିକ ସଚେତନତାକୁ ସୁଦୃଢ କରିବା ସହିତ ସୁରକ୍ଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟକ୍ରମ ନିଶ୍ଚିତ ପ୍ରଭାବଶାଳୀ ବୋଲି କହିଥିଲେ। ଏଥିସହିତ ସୁରକ୍ଷା ହେଉଛି ପ୍ରତ୍ୟେକଙ୍କ ଦାୟିତ୍ୱ ଏବଂ ଦୁର୍ଘଟଣା ମୁକ୍ତ ଇସ୍ପାତ ତିଆରି କରିବାର ସ୍ୱପ୍ନ ବାସ୍ତବ ରୂପ ନେଇପାରେ। ଦୁର୍ଘଟଣାକୁ ପରାସ୍ତ କରିବା ପାଇଁ ସୁରକ୍ଷା ସ୍କିଟ ୫ଟି ଭିନ୍ନ ଦିଗ ସାମୂହିକ ଶକ୍ତି ଯଥା ଆଜ୍ଞାକାରିତା ,ଦକ୍ଷତା,ଦାୟିତ୍ୱ ,ଜ୍ଞାନ ଓ ମନୋଭାବକୁ ସୁସ୍ପଷ୍ଟ ଦର୍ଶାଯାଇଥିଲା। ନାଟକକୁ ଟ୍ରାଫିକ ଓ କଞ୍ଚାମାଲ ବିଭାଗ ଇୟାର୍ଡ ମାଷ୍ଟର ଆର.ସି ମହାନ୍ତି ରଚିତ ଓ ନିର୍ଦ୍ଦେଶିତ ଥିଲା। ନାଟକର ଅଂଶ ବିଶେଷ ଭାବେ ଅଭିନେତାଗଣ ସୁରକ୍ଷା ଶପଥ ନେଇଥିଲେ। ପ୍ରାରମ୍ଭରେ ଟି ଏଣ୍ଡ ଆରଏମ ବିଭାଗ ସିଜିଏମ୍ ଅରୁଣ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗର ଜିଏମ୍ ଏସ.କେ ଭୂୟାଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭାଗର ସହାୟକ ପ୍ରବନ୍ଧକ ପି.ସି ନାୟକ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

**ବାଇକ୍ ଧକ୍କାରେ ଅଟୋ ଚାଳକ ମୃତ**

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସହର ଇରିଗେସନ କଲୋନୀ ଛକଠାରେ ସୋମବାର ମଧ୍ୟାହ୍ନରେ ବାଇକ୍ ଧକ୍କାରେ ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରୋଜାନାଗୁଡ଼ା ଗ୍ରାମର ଗଙ୍ଗାଧର ପଟେଲ। ସ୍ଥାନୀୟ ପୋଲିସ ଦୁର୍ଘଟଣା ଘଟାଇ ଥିବା ବାଇକ୍‌କୁ ଜବତ କରିବା ସହ ଆରୋହୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି।



## ସଂକ୍ଷେପରେ

### ହିନ୍ଦୁ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ

**ଖପ୍ରାଖୋଲ,୨୪।୪(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକର ହିନ୍ଦୁ ସଙ୍ଗଠନ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଖପ୍ରାଖୋଲ କାର୍ଯ୍ୟନିର୍ବାହୀ ବିଡ଼ିଓ ବିଜୟ କୁମାର ହୋତାଙ୍କୁ ସୋମବାର ପ୍ରଦାନ କରାଯାଇଛି । ସମ୍ବଲପୁର ଘଟଣାରେ ସମ୍ପୃକ୍ତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଏହି ଦାବି ପତ୍ର ଦିଆଯାଇଛି । ଏହି ଅବସରରେ ବଜରଙ୍ଗ ଦଳର ବାଲଗୋପାଲ ଦାଶ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସନ୍ତୋଷ ବେହେରା, ଅନଙ୍ଗ ସାହୁ, ସିଦ୍ଧାନ୍ତ ସାହୁ, କର୍ଣ୍ଣ ସିଂହ ଠାକୁର, ଡୋଲାମଣି ସାଣ୍ଡଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଆରପାରିରେ ରାଧାଶ୍ୟାମ ପୁରୋହିତ

**ଭବାନୀପାଟଣା,୨୪।୪(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣାର ରାଜ୍ୟପାଳ ପୁରସ୍କୃତ ପ୍ରଧାନଶିକ୍ଷକ ତଥା



ରାଜ ପରିବାରର ପୂର୍ବତନ ରାଜ କୂଳପୁରୋହିତ ରାଧାଶ୍ୟାମ ପୁରୋହିତ(୯୬)ଙ୍କ ସୋମବାର ନବରଙ୍ଗପୁରରେ ପରଲୋକ ହୋଇଛି। ମୃତ୍ୟୁ ସମୟରେ ତାଙ୍କର ଏକମାତ୍ର ପୁତ୍ର ସୋମନାଥ ପୁରୋହିତ, ପୁତ୍ରବଧୂ ଜ୍ୟୋତି ପୁରୋହିତ, ନାତି ଆଶୁତୋଷ ପୁରୋହିତ ଓ ଶିବଶକ୍ତି ପୁରୋହିତଙ୍କ ସହ ଜ୍ୱାଇଁ ଲକ୍ଷ୍ମଣ ଦାଶ, ଜଗନ୍ନାଥ ମହାପାତ୍ର, ସୁଧୀର ଆଚାର୍ଯ୍ୟ, ପ୍ରଦୀପ ରଥ ଏବଂ ଝିଅ ଚନ୍ଦ୍ରିକା ଦାଶ, କୁମୁଦିନୀ ମହାପାତ୍ର, ଶୋଭା ଆଚାର୍ଯ୍ୟ, ସୁକାନ୍ତି ରଥ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ପୁରୋହିତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ସୋମନାଥ ପୁରୋହିତ ମୁଖାଗ୍ନି ଦେଇଥିଲେ।

### ଯୁବକଙ୍କୁ ଛୁରାମାଡ଼ ଅଭିଯୋଗ

**ଦେଓଗାଁ,୨୪।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଲଣ୍ଡାପଥରରେ ଜଣେ ଯୁବକଙ୍କୁ ଛୁରା ମାଡ଼ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଆହତଙ୍କ କାକା ଶୁକଦେବ ପଧାନଙ୍କ ଅଭିଯୋଗକୁ ଭିତ୍ତି କରି ଦେଓଗାଁ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ଲଣ୍ଡାପଥରର ରଞ୍ଜିତ ପଧାନ ଗାଁରେ ଚାଲିଥିବା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦେଖିବା ପାଇଁ ଆସୁଥିବା ବେଳେ ସେହି ଗାଁର ଜଣେ ଯୁବକ ତାଙ୍କୁ ଅତର୍କିତ ଭାବେ ଛୁରୀରେ ଆକ୍ରମଣ କରିଥିଲା । ରଞ୍ଜିତଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଡାକ୍ତରଖାନା ପଠାଇଥିଲେ । ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଥିବା ପରିବାରବର୍ଗ ସୂଚନା ଦେଇଛନ୍ତି । ଏକତରଫା ପ୍ରେମକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ସାଧାରଣରେ ଆଲୋଚନା ହେଉଛି ।

# ବହୁ ପ୍ରତୀକ୍ଷିତ ପୂର୍ତ୍ତ ବାଇପାସ୍ ରାସ୍ତା କାମ ଆରମ୍ଭ

**ବଲାଙ୍ଗୀର ଅଫିସ,୨୪।୪**



ପୂର୍ତ୍ତ ବିଭାଗ ପକ୍ଷରୁ ଚାନ୍ଦଲି ପାହାଡ ତଳୁ ଧୁମାମରା ପର୍ଯ୍ୟନ୍ତ ୨.୨ କିମି ଲମ୍ବ ଚାରି ଲେନ୍ ବିଶିଷ୍ଟ ବାଇପାସ୍ ରାସ୍ତା କାମ ଆରମ୍ଭ ହୋଇଛି।

ବଲାଙ୍ଗୀରବାସୀଙ୍କ ବହୁ ପ୍ରତୀକ୍ଷିତ ପୂର୍ତ୍ତବିଭାଗ ବାଇପାସ୍ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି। ବଲାଙ୍ଗୀର ସଦର ବ୍ଲକର ବରକନୀ ଗାଁ ନିକଟ ଚାନ୍ଦଲି ପାହାଡ ତଳୁ ବଲାଙ୍ଗୀର-ପାଟଣାଗଡ ରାସ୍ତାର ଧୁମାମରା ଛକ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ୨.୨ କିମି ଲମ୍ବ ୪ ଲେନ୍ ବିଶିଷ୍ଟ ରାସ୍ତା ପାଇଁ ୧୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ରାସ୍ତା କାମ ପୂର୍ତ୍ତ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଛି। ପୂର୍ବରୁ ୨୬ ନମ୍ବର ଜାତୀୟ ରାଜପଥର ଖମାରମୁଣ୍ଡା ଛକରୁ ଚାନ୍ଦଲି ପାହାଡ ତଳ ପର୍ଯ୍ୟନ୍ତ ୫.୧ କିମି ଦୂର ୨ ଲେନ୍ ବିଶିଷ୍ଟ ବାଇପାସ୍ ରାସ୍ତାକୁ ଇଡ୍‌କୋ ପକ୍ଷରୁ ନିର୍ମାଣ କରାଯାଇଥିଲା। ଅବଶିଷ୍ଟ ୨.୨ କିମି ରାସ୍ତା ନିର୍ମାଣ ହେବା ପରେ ସମ୍ବଲପୁର, ବରଗଡ ପଟରୁ କୌଣସି ଭାରୀ ଯାନ, ଅନ୍ୟାନ୍ୟ ଗାଡି ମୋଟର ବଲାଙ୍ଗୀର ସହର ଭିତରକୁ ନ ପଶି ସିଧାସଳଖ ପାଟଣାଗଡ, କଣ୍ଟାବାଞ୍ଜି, ଖରିଆର, ନୂଆପଡା, ପଦ୍ମପୁର ଓ ଛତିଶଗଡ ନିର୍ବିଘ୍ନରେ ଯାଇପରିବେ। ଚଳିତବର୍ଷ ଶେଷ ସୁଦ୍ଧା ଏହି ୪ ଲେନ୍ ବିଶିଷ୍ଟ ରାସ୍ତା କାର୍ଯ୍ୟକ୍ଷମ ହେବ ବୋଲି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଏନ୍ କେ ଘଡେଇ ସୂଚନା ଦେଇଛନ୍ତି। ଏବେ ବଲାଙ୍ଗୀର ସହରରେ ବାଇପାସ୍ ରାସ୍ତା ନ ଥିବାରୁ ଯାନବାହନ ଚଳାଚଳ , ବିଶେଷ କରି ଭାରୀଯାନ ଚଳାଚଳରେ ଘୋର ଅସୁବିଧା ହେଉଛି। ବଲାଙ୍ଗୀର ସହର ମଧ୍ୟ ଦେଇ ବ୍ୟସ୍ତବହୁଳ ୨୬ ନମ୍ବର ଜାତୀୟ ରାଜପଥ, ୫୭ ନମ୍ବର ଜାତୀୟ ରାଜପଥ ଏବଂ ୪୨ ନମ୍ବର ରାଜ୍ୟ ରାଜପଥ ଯାଇଛି। ଏହାସହିତ ଅନେକ ଗାଁ ଗହଳି ରାସ୍ତା ସହରକୁ ସଂଯୋଗ କରିଛି। ଜାତୀୟ ରାଜପଥ କି ରାଜ୍ୟ ରାଜପଥରେ କୌଣସି ବାଇପାସ୍ ରାସ୍ତା ନ ଥିବାରୁ ସହର ମଧ୍ୟ ଦେଇ ଭାରୀଯାନ ଚଳାଚଳ କରୁଛି। ବାରମ୍ବାର ଦୁର୍ଘଟଣା ଘଟିବା ଏବଂ ବହୁ ଲୋକଙ୍କ ଜୀବନ ହାନି ହେବା ପରେ ବଲାଙ୍ଗୀରବାସୀ ଆନ୍ଦୋଳନ କରିବାରୁ ସକାଳ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସହର ମଧ୍ୟ ଦେଇ କୌଣସି ଭାରୀଯାନ ଚଳାଚଳ ଉପରେ ପ୍ରଶାସନ ପକ୍ଷରୁ ପ୍ରତିବନ୍ଧକ ଲଗାଯାଇଛି। ଫଳରେ ସହର ଉପକଣ୍ଠ ପ୍ରାୟ ସବୁ ବ୍ୟସ୍ତବହୁଳ ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥରେ ଶହ ଶହ ଗାଡି ଅଟକି ରହୁଛି। ସହର

**୪ ଲେନ୍ ବିଶିଷ୍ଟ ବାଇପାସ୍ ରାସ୍ତା ପାଇଁ ଖର୍ଚ୍ଚ ହେବ ୧୮ କୋଟି**

ଉପକଣ୍ଠରେ ଶତାଧିକ ଗାଡି ଦୀର୍ଘ ସମୟ ଧରି ଅଟକି ରହିବା ଯୋଗୁ ଉପକଣ୍ଠ ଅଞ୍ଚଳରେ ଦୁର୍ଘଟଣା ବଢ଼ିବା ସହ ଭାରୀଯାନଗୁଡ଼ିକର ଡ୍ରାଇଭର, ହେଲପର ଚୋରି, ଲୁଟ୍‌ପାଟର ଶିକାର ହେଉଛନ୍ତି। ଏହା ଆଉ ଏକ ସମସ୍ୟାକୁ ଜନ୍ମ ଦେଇଛି। ଅନେକ ବାଦ୍‌ବିବାଦ, ରାଜନୀତି ପରେ ବଲାଙ୍ଗୀର ସହର ଉପକଣ୍ଠ ସଦାଇପାଲି ଠାରୁ ସୋନପୁର-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଦେଇ ଟିଟିଲାଗଡ ରାସ୍ତାକୁ ପ୍ରାୟ ୧୨ କିମି ଦୂର ଜାତୀୟ ରାଜପଥ ବାଇପାସ୍ ରାସ୍ତା ପାଇଁ ଜମିଚିହ୍ନଟ ଏବଂ ବ୍ୟୟ ଅଟକଳ କାମ ରହିଛି। ମାତ୍ର କାମ ଆରମ୍ଭ ହୋଇନାହିଁ। ଅନ୍ୟପଟେ ୨୬ ନମ୍ବର ଜାତୀୟ ରାଜପଥର ଖମାରମୁଣ୍ଡା ଠାରୁ ସଦାଇପାଲି ଗ୍ରୀଡ ଦେଇ ୧୩ କିମି ଲମ୍ବର ପୂର୍ତ୍ତ ବିଭାଗ ବାଇପାସ୍ ରାସ୍ତା ଟିଟିଲାଗଡ ରାସ୍ତାକୁ ଛୁଇଁବ। ଏହି ରାସ୍ତାର ଖମାରୁମୁଣ୍ଡା ଠାରୁ ଚାନ୍ଦଲି ପାହାଡ ତଳ ପର୍ଯ୍ୟନ୍ତ ୫.୧ କିମି ବାଇପାସ୍ ରାସ୍ତାକୁ ଇଡ୍‌କୋ ବିଭାଗ ପକ୍ଷରୁ କିଛିବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିଲା। ମାତ୍ର ଏହି ରାସ୍ତା କାମ ଆଉ ଆଗକୁ ବଢ଼ି ନ ଥିଲା। ଏବେ ଚାନ୍ଦଲି ପାହାଡ ତଳୁ ଧୁମାମରା ଛକ ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ତିଆରି କାମ ଆରମ୍ଭ ହୋଇଛି। ଧୁମାମରା ଠାରୁ ଭୀମଭୋଇ ମେଡିକାଲ କଲେଜ କୋଠା ନିକଟ ଗନ୍ଧରେଲ ପାହାଡ ଉପର ଦେଇ ପ୍ରାୟ ୬ କିମି ରାସ୍ତା ନିର୍ମାଣ ହେବାକୁ ବାକି ରହିଛି। ଜଙ୍ଗଲ ଜମି ପଡୁଥିବା ଏବଂ ଜଙ୍ଗଲ ବିଭାଗ ପକ୍ଷରୁ ଅନୁମତି ମିଳି ନ ଥିବାରୁ ଏହି ରାସ୍ତା ତିଆରି ସମ୍ଭବ ହୋଇନାହିଁ। ଜଙ୍ଗଲ ଅନୁମତି ପ୍ରକ୍ରିୟା କାମ ଚାଲିଛି ବୋଲି ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ଘଡେଇ କହିଛନ୍ତି। ତେବେ ଚଳିତ ଡିସେମ୍ବର ଶେଷ ସୁଦ୍ଧା ଧୁମାମରାକୁ ପୂର୍ତ୍ତ ବିଭାଗର ବାଇପାସ୍ ରାସ୍ତା ନିର୍ମାଣ ସରିଲେ ଅନେକ ଦିଗରୁ ସହରର ଭାରୀଯାନ ଚଳାଚଳ ସୁବିଧା ହେବ। ଚାନ୍ଦଲି ପାହାଡ ତଳୁ ନିର୍ମାଣ ସରିଥିବା ଇଡ୍‌କୋ ବାଇପାସ୍ ରାସ୍ତାକୁ ମଧ୍ୟ ୨ ଲେନ୍‌ରୁ ୪ ଲେନ୍ କରାଯିବାକୁ ପ୍ରସ୍ତାବ ସରକାରଙ୍କୁ ପଠାସରିଛି ଏବଂ ରାଜ୍ୟ ସରକାରଙ୍କ ଅନୁମତି ମଧ୍ୟ ମିଳି ସାରିଥିବା ଜଣାପଡିଛି। ବ୍ୟୟବରାଦ ହେଲେ ଏଠାରେ ମଧ୍ୟ ଚାରି ଲେନ୍ ବିଶିଷ୍ଟ ରାସ୍ତା ତିଆରି ହେବ ବୋଲି ଜଣାପଡିଛି।

## ପୁଇଁନ୍ତଲାରେ ବାବା ସାହେବ ଓ ଜ୍ୟୋତିବା ଫୁଲେ ଜୟନ୍ତୀ

**ବଲାଙ୍ଗୀର ଅଫିସ, ୨୪।୪**

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ସଦର ଗାଁ ପୁଇଁତଳରେ ଆମ୍ବେଡକର କ୍ଲବ ତରଫରୁ ସଭାପତିଜ୍ୟୋତିଷ ମୁଗ୍ରୀଙ୍କ ସଭାପତିତ୍ୱରେ ବାବାସାହେବ ଆମ୍ବେଡକର ଓ ଜ୍ୟୋତିବା ଫୁଲେଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଦଳିତ ସମାଜ ସଭାପତି କୁନା ବାଗ, ସମ୍ମାନିତ ଅତିଥି ସତ୍ୟାନନ୍ଦ ସୁନା, ରାଜେନ୍ଦ୍ର ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପିକା ରମଣୀ ନାଏକ, ପଶ୍ଚିମ ଓଡିଶା ମହିଳା ସଙ୍ଗଠନ ସଭାନେତ୍ରୀ ସବିତା ନନ୍ଦ, ପୁଇଁନ୍ତଲା ପଞ୍ଚାୟତ ସମିତି ସଭ୍ୟା ଶୁଭଶ୍ରୀ ଗରୁଡ ଯୋଗ ଦେଇଥିଲେ। ପ୍ରତ୍ୟେକ ଭାରତୀୟ ସମ୍ବିଧାନକୁ ଭଲ ଭାବରେ ଜାଣି ପାରିଲେ ଆମେ ଏକ ସମୃଦ୍ଧଶାଳୀ ଭାରତ ଗଠନ କରି ପାରିବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଢୋଲ ମୁହୁରୀ କଳା ପରଷଦ, ଘୁଙ୍ଗୁରୁ କଳା ପରିଷଦ, ଟୁକୁ, ବିଶି ଓ ଅନ୍ୟାନ୍ୟ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହା ସହିତ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲମ୍ବୋଧର ନାଗ ଓ ରମାକାନ୍ତ ନନ୍ଦ ପରିଚାଳନା କରିଥିବା ବେଳେ ବିଭୂତି ସୁନା ଧନ୍ୟବାଦ ଦେଇଥିଲେ।

# ଟିଖାଲି ଡ୍ୟାମ ଡାହାଣ କେନାଲ ସମ୍ପ୍ରସାରଣ ଦାବି



ବିଜେଡି ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ନୂଆପଡା ଅଫିସ, ୨୪।୪**

**ବିଜେଡି ପ୍ରତିନିଧି ଦଳର ଜଳସମ୍ପଦ ମନ୍ତ୍ରୀଙ୍କୁ ସ୍ମାରକପତ୍ର**

ନୂଆପଡା ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱରଠାରେ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଟିଖାଲି ଡ୍ୟାମର ଡାହାଣ କେନାଲରୁ ବୋଡେନ ବ୍ଲକର ସୁନାପୁର, ଖଏରା, ଫରସରା, ବୋଡେନ, ଲିଟିସର୍ଗି, ରୋକାଲ,ଲର୍କା, କରଙ୍ଗାମାଲ, ବାବେବିର, ବୋଇର ଗାଁ, କର୍ଲାକୋଟ, ପଲସଦା ଓ ସିନାପାଲି ବ୍ଲକର ରାଣୀମୁଣ୍ଡା, ଟିମନପୁର, ଖର୍ସେଲ, ଚଟିଆଗୁଡା, ଗଣ୍ଡାବାହାଲି, ବରଗାଁ ପଞ୍ଚାୟତକୁ ଜଳଯୋଗାଣ ପାଇଁ କେନାଲ ସମ୍ପ୍ରସାରଣ ଓ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହି ବ୍ଲକଗୁଡିକ ମରୁଡ଼ି ପ୍ରବଣ ହୋଇଥିବାରୁ କେନାଲ ସୁବିଧା କରାଗଲେ ଏହି ଅଞ୍ଚଳର ୨୦ ହଜାର ହେକ୍ଟର ଜମିକୁ ଜଳଯୋଗାଣ ହୋଇ ପାରିବ । ଚାଷୀ ବର୍ଷକୁ ଦୁଇ ଥର ଚାଷ କରି ଆର୍ଥିକ ସ୍ଥିତିକୁ ସୁଦୃଢ କରି ପାରିବ । ଉକ୍ତ ଦାବିକୁ ମଞ୍ଜୁର କରି ଖଡିଆଳଠାରେ ଥିବା କେନାଲ ଡିଭିଜନ ଅଧିକାରୀଙ୍କୁ କାର୍ଯ୍ୟକାରିତା କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିବା ପାଇଁ ନିବେଦନ କରିଛନ୍ତି । ଏହି ସମୟରେ ପର୍ଯ୍ୟବେକ୍ଷକ ହରେକୃଷ୍ଣ ଷଡଙ୍ଗୀ, ଜିଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ବୋଡେନ ବ୍ଲକ ସଭାପତି ଲୋକନାଥ ଛତ୍ରିଆ, ସିନାପାଲି ବ୍ଲକ ସଭାପତି ଗରୁଡଧ୍ୱଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁଗ୍ମ ଜନ ଶୁଣାଣି ଶିବିର

**କଣ୍ଟାବାଞ୍ଜି, ୨୪।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଝରଣି ଗ୍ରାମସ୍ଥିତ କଲ୍ୟାଣମଣ୍ଡପରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଏସ୍‌ପି ନୀତିନ କୁଶଲକରଙ୍କ ମିଳିତ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରାଣା ଓ ପୋଲିସ ଅଧୀକ୍ଷକ କୁଶଲକର ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଝରଣି ଦ୍ୱାରା କରାଯାଇଥିବା ଚାରା ଉତ୍ପାଦନ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହାପରେ ମିଶନ ଶକ୍ତି ଗୃହରେ ବ୍ଲକର ୧୯ଟି ପଞ୍ଚାୟତରୁ ଆସିଥିବା ୭୭ଟି ଅଭିଯୋଗ ଉପରେ ଜନଶୁଣାଣି କରାଯାଇଥିଲା। ଜନଶୁଣାଣିରେ ଟିଟିଲାଗଡ ଉପଜିଲାପାଳ ଦୟାମୟ ପାଢୀ, ତୁରେକେଲା ବିଡିଓ ଦେବାଶିଷ ସାମଲ, କଣ୍ଟାବାଞ୍ଜି ତହସିଲଦାର ଅମୃତଲାଲ ବେହେରାଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ସାମିଲ ଥିଲେ। ଜନଶୁଣାଣି ପରେ ଜିଲାପାଳ ରାଣା ଏବଂ ପୋଲିସ ଅଧୀକ୍ଷକ କୁଶଲକର ବିଭିନ୍ନ ବିଭାଗ ଦ୍ୱାରା ଲାଗିଥିବା ଷ୍ଟଲ ବୁଲି ଦେଖିଥିଲେ। ଝରଣି ପଞ୍ଚାୟତ ସରପଞ୍ଚ ରଘୁବୀର ମେହେର, ଜିଲା ପରିଷଦ ସଭ୍ୟ କୌଶିକ ମେହେର ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ କଣ୍ଟାବାଞ୍ଜି ଏସଡିପିଓ ଗୌରାଙ୍ଗ ଚରଣ ସାହୁ, ତୁରେକେଲା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା।

# ସମ୍ବଲପୁର ଘଟଣାରେ ହିନ୍ଦୁ ସମାଜର କାର୍ଯ୍ୟାନୁଷ୍ଠାନ ଦାବି




ସଂଗଠିତ ହିନ୍ଦୁ ସମାଜ କର୍ମକର୍ତ୍ତା ସହାୟକ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି।

**ଟିଟିଲାଗଡ଼,୨୪।୪ (ଡି.ଏନ.ଏ.)**

ଚଳିତ ମାସ ୧୨ ତାରିଖରେ ସମ୍ବଲପୁର ସହରରେ ହନୁମାନ ଭକ୍ତଙ୍କ ମୋଟର ସାଇକେଲ ଶୋଭାଯାତ୍ରା ଉପରେ ଆକ୍ରମଣ ଘଟଣା ନେଇ ସଂଗଠିତ ହିନ୍ଦୁ ସମାଜ, ଟିଟିଲାଗଡ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ସୋମବାର ସ୍ଥାନୀୟ ମହାବୀର ଧର୍ମଶାଳା ପରିସରରୁ ଆଇନଜୀବୀ କମ୍ବୁପାଣି ପାଢୀ, ଉମ୍ବରୁଧର କର୍ମ, ସଞ୍ଜିବ ପାଢୀଙ୍କ ନେତୃତ୍ୱରେ ହିନ୍ଦୁ ସଂଗଠନ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ଆସି ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଭିନ୍ନ ନାରାବାଜି କରିଥିଲେ। ଶାନ୍ତିପୂର୍ଣ୍ଣ ଭାବରେ ଧାର୍ମିକ ଶୋଭାଯାତ୍ରାରେ ଯାଉଥିବା ଭକ୍ତଙ୍କ ଉପରକୁ ହିଂସାତ୍ମକ ଆକ୍ରମଣ ଏବଂ ଗତ ୧୪ ତାରିଖରେ ସମ୍ବଲପୁରରେ ଜଣେ ବନବାସୀ ଯୁବକଙ୍କୁ ହତ୍ୟା କରାଯିବା ଘଟଣାକୁ ହିନ୍ଦୁ ସମାଜ ତୀବ୍ର ନିନ୍ଦା କରିଛି। ଏଣୁ ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ହୋଇଛି। ଏହି ମର୍ମରେ ସଂଗଠିତ ହିନ୍ଦୁ ସମାଜ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହାୟକ ଜିଲାପାଳ ବିଶିକେଶନ ଦେହୁରିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗାୟତ୍ରୀ ପରିବାରରୁ ଯୁଗଳ କିଶୋର ଗୋଏଙ୍କା, ପତଞ୍ଜଳି ଯୋଗ ସମିତିର ଗୁରୁଜୀ ସୁନିଲ ପଣ୍ଡା, ଶ୍ରୀରାମଚନ୍ଦ୍ର ସେବା ସମିତିରୁ ଶଙ୍କରଲାଲ ଅଗ୍ରୱାଲ, ଭାରତ ବିକାଶ ପରିଷଦର ରାଜୀବ ଲୋଚନ ପାଢୀ, ବିଶ୍ୱ ହିନ୍ଦୁ ପରିଷଦର କ୍ଷୀରସିନ୍ଧୁ ସାହୁ, ମାରୱାଡି ବ୍ରାହ୍ମଣ ସମାଜର ସୁନ୍ଦରଲାଲ ଶର୍ମା, ଅନୁସୂଚିତ ଜାତି ପ୍ରତିନିଧି ଶରତ ତାଣ୍ଡି, ପୌରାଧକ୍ଷା ମମତା ଜୈନ, ପୂର୍ବତନ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତି, ଅବସରପ୍ରାପ୍ତ ସୈନିକ ଲିଙ୍ଗରାଜ ନାୟକ, ମାରଓ୍ୱାଡି ସେବା ସମିତିର ମନୋଜ ଡୋଡକା, ତେରାପନ୍ଥ ସମିତି ପ୍ରତିନିଧି ମୁକେଶ ଜୈନ, ନବୀନ ଜୈନ, ଆଲୋକ ନାୟକ, ମହେନ୍ଦ୍ର ଠାକୁର, ଅଶୋକ ମିଶ୍ର, ବିକାଶ ସାହୁ, ପବିତ୍ର ସାହୁ, ମଣ୍ଟୁ ସାହୁ, ଜୟରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁର ହିଂସା ଘଟଣାର ପ୍ରତିବାଦ

**ଜୁନାଗଡ଼,୨୪।୪(ଡି.ଏନ୍.ଏ.)**

**ସମଗ୍ର ହିନ୍ଦୁ ସଂଗଠନ ପକ୍ଷରୁ ଶୋଭାଯାତ୍ରା, ଦାବିପତ୍ର**

ହିନ୍ଦୁମାନଙ୍କ ଉପରେ ଆକ୍ରୋଶମୂଳକ ଆକ୍ରମଣ ବନ୍ଦ କରାଯାଉ। ସୋମବାର ସମଗ୍ର ହିନ୍ଦୁ ସଂଗଠନ ପକ୍ଷରୁ ଜୁନାଗଡ଼ ସହରରେ ଏକ ଶୋଭାଯାତ୍ରା କରାଯିବା ସହ ଏହିମର୍ମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ୧୨ ତାରିଖରେ ସମ୍ବଲପୁର ସହରରେ ହନୁମାନ ଭକ୍ତଙ୍କ ବାଇକ୍ ଶୋଭାଯାତ୍ରା ଉପରକୁ ଯେଉଁ ଭଳି ଅମାନୁଷିକ ଓ କ୍ରୁରତାପୂର୍ଣ୍ଣଭାବେ ହିଂସାତ୍ମକ ଆକ୍ରମଣ କରାଗଲା ଏବଂ ଗତ ୧୪ ତାରିଖ ରାତିରେ ବନବାସୀ ଯୁବକଙ୍କୁ ହତ୍ୟା କରାଗଲା ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଶୋଭାଯାତ୍ରା ସମୟରେ ଭକ୍ତଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରଶାସନିକ ଅବ୍ୟବସ୍ଥା, ସୂଚନା ତନ୍ତ୍ରର ଅପାରଗତା ଓ ନିଷ୍ଫଳତା ଦର୍ଶାଉଛି। ଏହି ସମୟରେ ଉପସ୍ଥିତ ଅତି କମ ସଂଖ୍ୟକ କାର୍ଯ୍ୟରତ ପୋଲିସ ସ୍ଥାଣୁ ପାଲଟି ଥିଲେ ଏବଂ ଆକ୍ରମଣର ଶିକାର ହୋଇ ରକ୍ତାକ୍ତ ହୋଇଥିଲେ। ଏସବୁ ଘଟଣା ନାଗରିକର ଧାର୍ମିକ ଆସ୍ଥା, ବିଶ୍ୱାସ ଓ ଧାର୍ମିକ ସ୍ୱତନ୍ତ୍ରତା ପ୍ରତି କୁଠାରଘାତ। ଏହି ଘଟଣା କେବଳ ଆଇନଶୃଙ୍ଖଳା ବିଷୟ ନୁହେଁ। ଏହା ଦେଶଦ୍ରୋହ କାର୍ଯ୍ୟକଳାପ ପରିଧିରେ ଆସୁଛି। ଯଥାଶୀଘ୍ର ଦୋଷୀଙ୍କ ବିରୁଦ୍ଧରେ ନ୍ୟାୟୋଚିତ କଠୋର ପଦକ୍ଷେପ ଗ୍ରହଣ କରି ସମସ୍ତଙ୍କୁ ଗିରଫ କରିବାକୁ ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଆର୍‌ଏସ୍‌ଏସ୍‌ର ଜିଲା ସଂଯୋଜକ ନବ କିଶୋର ପାଢ଼ୀ, ଖଣ୍ଡ ସଙ୍ଘ ଚାଳକ ରାଜେନ୍ଦ୍ର ଗୋଏଲ, ଶ୍ୟାମ ସୁନ୍ଦର ପାଢ଼ୀ, ସତ୍ୟ ନାରାୟଣ ପଣ୍ଡା,ବିରଞ୍ଚି ପଣ୍ଡା, ଚଣ୍ଡୀ ପ୍ରସାଦ ମେହେର, ହିମାଂଶୁ ଶେଖର ମେହେର ପ୍ରମୁଖ ଉପସ୍ଥିତ ଥିଲେ।




ସମଗ୍ର ହିନ୍ଦୁ ସଂଗଠନ ପକ୍ଷରୁ ଶୋଭାଯାତ୍ରା।

# ଦଙ୍ଗା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

**ନୂଆପଡା ଅଫିସ, ୨୪।୪**




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସମ୍ବଲପୁର ସହରରେ ହନୁମାନ ଜୟନ୍ତୀରେ ବାଇକ ଶୋଭାଯାତ୍ରା ଉପରକୁ ଆକ୍ରମଣ କରିବା ସହ ୧୪ ତାରିଖ ରାତ୍ରିରେ ଜଣେ ଯୁବକଙ୍କୁ ହତ୍ୟା ଘଟଣାକୁ ନିନ୍ଦା ଏବଂ ପ୍ରକୃତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ନୂଆପଡା ବଜରଙ୍ଗ ଦଳ। ଦଳର ଜିଲା ସଂଯୋଜକ ଉଜ୍ଜ୍ୱଳ ତିୱାରୀଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ବଜରଙ୍ଗ ଦଳ ସମେତ ସମଗ୍ର ହିନ୍ଦୁ ସମାଜ,ଏବିଭିପି, ବିଶ୍ୱହିନ୍ଦୁ ପରିଷଦ, ଭାଜପା, ଆରଏସଏସ ଆଦି ସଂଗଠନର ପ୍ରମୁଖ କର୍ମକର୍ତ୍ତା ଗାୟତ୍ରୀ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ସହର କରିକ୍ରମା କରି ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦୋଷୀମାନଙ୍କୁ ରାଜ୍ୟ ସରକାର ଘଣ୍ଟ ଘୋଡାଉଛନ୍ତି । ରାଜ୍ୟ ସରକାରଙ୍କ ଅପାରଗତା ଓ ପୋଲିସର ନିଷ୍କ୍ରିୟତା ଯୋଗୁଁ ହିଂସାକାଣ୍ଡ ବଢି ଚାଲିଛି । ଏହି ସବୁର ସମାଧାନ ଶୀଘ୍ର କରା ନ ଗଲେ ଆଗାମୀ ଦିନରେ ଅନ୍ଦୋଳନ ଭୟାବହ ହେବ ବୋଲି ଏବିଭିପି ଜିଲା ଉପ ସଭାପତି ମନୋଜ ରଣା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ମୁରଲି ସୁନା, ନାରୁ ପାଣ୍ଡେ, ଗୋକୁଲ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ୬ ଜଣିଆ ଅଧିକାରୀଙ୍କ ତଦନ୍ତ ଆରମ୍ଭ

**ଲୋଇସିଂହା,୨୪।୪(ଡି.ଏନ.ଏ.)**

**ହୀରାପୁର ପଞ୍ଚାୟତ ଦୁର୍ନୀତି ପ୍ରସଙ୍ଗ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ହୀରାପୁର ପଞ୍ଚାୟତରେ ଉନ୍ନୟନ କାମରେ ଦୁର୍ନୀତି କରି ଅର୍ଥ ଆତ୍ମସାତ ହେବା ଅଭିଯୋଗ ଉପରେ ପ୍ରଶାସନିକ ତଦନ୍ତ ସୋମବାରଠାରୁ ଆରମ୍ଭ ହୋଇଛି। ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢୀଙ୍କ ନେତୃତ୍ୱରେ ୬ ଜଣିଆ ଅଧିକାରୀ ଦୁଇଦିନ ଧରି କ୍ଷେତ୍ର ପରିଦର୍ଶନ କରି ତଦନ୍ତ କରିବେ ଏବଂ ଏ ସଂକ୍ରାନ୍ତ ରିପୋର୍ଟ ବ୍ଲକ ପ୍ରଶାସନକୁ ଦାଖଲ କରିବେ ବୋଲି ବିଡିଓ ଆକାଶ ରଞ୍ଜନ ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢୀ, କିଶୋର ମାନସିଂ, ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁ, ଯୋଗାଣ ନିରୀକ୍ଷକ ସୌମ୍ୟରଞ୍ଜନ ମହାନନ୍ଦ, ଯନ୍ତ୍ରୀ କବିତା ଦାସ ପ୍ରମୁଖଙ୍କୁ ନେଇ ତଦନ୍ତକାରୀ ଟିମ୍ ଗଠନ କରାଯାଇଛି। ସୋମବାର ଜିପିଓ ମାନସିଂଙ୍କୁ ବାଦ ଦେଇ ସମସ୍ତ ଅଧିକାରୀ ହୀରାପୁର ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବାହ୍ନରେ ପହଞ୍ଚିଥିଲେ। ପଞ୍ଚାୟତର ପିଇଓ ହୁତାଶନ ସୁନାଙ୍କ ଠାରୁ ରେକର୍ଡପତ୍ର ଦେଖିଥିଲେ। ଏହାପରେ ଉକ୍ତ ଟିମ୍ ପଞ୍ଚାୟତ ଅଧୀନ ସେମେଲମୁଣ୍ଡା ଯାଇଥିଲେ। ଅଭିଯୋଗ ହୋଇଥିବା କେତେକ ପ୍ରକଳ୍ପ ମଧ୍ୟରୁ ଗ୍ରାମର ନୂଆବନ୍ଧ, ତଳିପଡା କମ୍ୟୁନିଟି ସେଣ୍ଟର, କଳାସୀ ଗୁଡି ଏବଂ ମହାଦେବ ମଣ୍ଡପ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଧିବାସୀଙ୍କ ସହ ତଦନ୍ତକାରୀ ଟିମ୍ ଆଲୋଚନା କରି ଫେରିଥିବା ସହକାରୀ ଯନ୍ତ୍ରୀ ପାଢୀ କହିଛନ୍ତି। ମଙ୍ଗଳବାର ବିଭିନ୍ନ ଗ୍ରାମ ଯାଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୭ରୁ ଅଦ୍ୟାବଧି ପଞ୍ଚାୟତରେ ଉନ୍ନୟନ କାମରେ ଦୁର୍ନୀତି କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଦାବିରେ ପ୍ରମାଣ ସହ ବ୍ଲକ ଏବଂ ଜିଲା ପ୍ରଶାସନ ନିକଟରେ ପଞ୍ଚାୟତବାସୀ ଲିଖିତ ଦାବି କରିଥିଲେ। ହେଲେ ଏହାକୁ ଚାପି ଦିଆଯାଉଛି। ଏହାର ପ୍ରତିବାଦରେ ଗତ ସୋମବାର ଠାରୁ ୫ ଦିନ ପର୍ଯ୍ୟନ୍ତ ବ୍ଲକ ଅଫିସ ଆଗରେ ପୂର୍ବତନ ସରପଞ୍ଚ ରାଧାନାଥ ବିଶ୍ୱାଳ ଅନଶନରେ ବସିଥିଲେ। ଅନଶନ ସ୍ଥଳକୁ ଏଡିଏମ ଲମ୍ବୋଦର ଧରୁଆ ଆସି ଅନଶନକାରୀଙ୍କ ସହ ଆଲୋଚନା କରି ତଦନ୍ତ ପ୍ରତିଶ୍ରୁତି ଦେବା ପରେ ଅନଶନରୁ ବିଶ୍ୱାଳ ଓହରିଥିଲେ।

## ସଂକ୍ଷେପରେ

### ନିଖୋଜ ପୁଅ ଘରକୁ ଫେରିଲେ

**ପାଇକମାଲ, ୨୪।୪(ଡି.ଏନ.ଏ.):** ବରଗଡ ଜିଲା ପାଇକମାଲ ଥାନା କେମେଲାବାହାଲ ଗ୍ରାମର ଡାକ୍ତର ଥପାଙ୍କ ପୁଅ ମହେନ୍ଦ୍ର ଥପା ୪ ମାସ ତଳେ ଗାଁରୁ କୁଆଡେ ନିଖୋଜ ହୋଇଯାଇଥିଲେ। ଅନେକ ଖୋଜାଖୋଜି ପରେ ମଧ ତାଙ୍କର ଖୋଜ ଖବର ମିଳି ନ ଥିଲା। ମହେନ୍ଦ୍ର ମଧ୍ୟପ୍ରଦେଶର ସିଙ୍ଗରୋଲି ଜିଲା ଲଙ୍କଧଡୋଲ ଥାନା ଅଞ୍ଚଳରେ ଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ପୁଅକୁ ଆଣିବା ପାଇଁ ପରିବାର ଲେକଙ୍କ ପାଖରେ ଅର୍ଥ ନ ଥିଲା । ଏନେଇ ଯୁବ ଯାଦବ ସମାଜ ସଭାପତି ମାନସ ନାଗଙ୍କୁ ଡାକ୍ତର ଥପା ଓ ତାଙ୍କ ସ୍ତ୍ରୀ ସବିତା ଥପା ଆଣିବା ପାଇଁ ଅନୁରୋଧ କରିଥିଲେ। ଅନୁରୋଧ ରକ୍ଷା କରି ନାଗ ମଧ୍ୟପ୍ରଦେଶ ଯାଇ ମହେନ୍ଦ୍ରଙ୍କୁ ପୋଲିସ ସହାୟତାରେ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

### ରୋଜଗାର ଯୋଜନା ପାଇଁ ଦୋକାନ ଗୃହ ଉଦ୍‌ଘାଟିତ

**ବରପାଲି, ୨୪।୪(ଡି.ଏନ.ଏ.):** ବରଗଡ ଜିଲା ବରପାଲି ବ୍ଲକ ଅଫିସ ପରିସରରେ ମିଶନ ଶକ୍ତି ପକ୍ଷରୁ ସହରର ୪ ନମ୍ବର ୱାର୍ଡ ମା' ଲକ୍ଷ୍ମୀ ଏସ୍‌ଏଚ୍‌ଜି ଗ୍ରୁପ କୁମ୍ଭାରପଡା ସଭାପତି ସୁକାନ୍ତି ମେହେରଙ୍କ ସହ ମହିଳା ମାନଙ୍କ ପାଇଁ ରୋଜଗାର ଯୋଜନାରେ ଦୋକାନ ଗୃହ ଉଦ୍‌ଘାଟିତ ହୋଇଛି। ବିଡ଼ିଓ ପ୍ରସନ୍ନ କୁମାର ପାଣ୍ଡେ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ ସିଡିପିଓ, ସୁପରଭାଇଜର ଓ ବିଭିନ୍ନ ଏସ୍‌ଏଚ୍‌ଜିର ମହିଳାମାନେ ଉପସ୍ଥିତ ଥିଲେ।

### ମାରୱାଡି ଯୁବାମଞ୍ଚ ନୂତନ କାର୍ଯ୍ୟକର୍ତ୍ତାଙ୍କ ଶପଥ ଗ୍ରହଣ

**ସୋହେଲା, ୨୪।୪(ଡି.ଏନ.ଏ.) :** ସ୍ଥାନୀୟ ଅଗ୍ରସେନ ଭବନରେ ମାରୱାଡି ଯୁବାମଞ୍ଚ ସୋହେଲା ଶାଖାର ନୂତନ ସଭାପତି ଏବଂ କାର୍ଯ୍ୟକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରାନ୍ତୀୟ ଉପାଧ୍ୟକ୍ଷ ସୁମିତ ସାବଡିଆ, ପ୍ରାନ୍ତୀୟ ମହାମନ୍ତ୍ରୀ ପ୍ରତିକ ଅଗ୍ରୱାଲ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ୨୦୨୩ରୁ ୨୦୨୫ ବର୍ଷ ପାଇଁ ସଭାପତି ଆଲୋକ ଅଗ୍ରୱାଲ, ସମ୍ପାଦକ ରାହୁଲ ଅଗ୍ରୱାଲ, କୋଷାଧ୍ୟକ୍ଷ ସୁମିତ ଅଗ୍ରୱାଲ ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଶପଥ ଗ୍ରହଣ କରାଇଥିଲେ। ମାରୱାଡି ସମ୍ମେଳନର ପ୍ରାନ୍ତୀୟ ଅଧ୍ୟକ୍ଷ ଗୋବିନ୍ଦ ଅଗ୍ରୱାଲ୍ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ବିଦାୟୀ ସଭାପତି ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏ ଅବସରରେ ଟୁଙ୍ଗିବନ୍ଧଲି ଗାଁର ଗୁଣନିଧି ମୁନା ନିଜ ମୃତ୍ୟୁ ପରେ ଶରୀର ଦାନ ପାଇଁ ସ୍ୱୀକୃତି ପ୍ରଦାନ କରିଥିବାରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ସମ୍ପନ୍ନ ହେଲା ଅଷ୍ଟପ୍ରହର ନାମଯଜ୍ଞ

**ସରଣ୍ଡା,୨୪।୪(ଡ଼ି.ଏନ.ଏ.):** ବରଗଡ ଜିଲା ଅତାବିରା ଏନଏସି ୱାର୍ଡ ନମ୍ବର ୭ ଝାନ୍ସୀନଗରଠାରେ ଦୁଇଦିନ ଧରି ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଯାଇଛି। କର୍ତ୍ତାଭାବେ ସଦାନନ୍ଦ ସାହୁ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ରାଧା, କୃଷ୍ଣ, ସୁଦାମା ବେଶରେ ଛୋଟ ପିଲାମାନେ ଦହି ବିକ୍ରି କରିଥିଲେ। କୀର୍ତ୍ତନ ଦଳ ଝାନ୍ସୀନଗର ପରିକ୍ରମା କରିଥିଲେ। କ୍ଷୀରୋଦିନି ନାୟକ, ସୁଧାମୟୀ ନାୟକ, ଲଳିତା ପ୍ରଧାନ, ଦର୍ଶନା ଅଗ୍ରୱାଲ, ବିଜୟଲକ୍ଷ୍ମୀ ମହାନ୍ତି, ସୁଜାତା ନାୟାର, କଳ୍ପନା ପ୍ରଧାନ, ଜାନକୀ ଗୁପ୍ତା, ମଞ୍ଜୁଳା ପ୍ରଧାନ, ଜନନୀ ମହାପାତ୍ର ନାମଯଜ୍ଞର ସଫଳ ସମାପନରେ ସହଯୋଗ କରିଥିଲେ।

# ଜବରଦଖଲ ଉଚ୍ଛେଦ, ଦୋକାନୀଙ୍କ ବିରୋଧ

**ସରଣ୍ଡା,୨୪।୪(ଡି.ଏନ.ଏ.)**



ଉଚ୍ଛେଦ ପ୍ରତିବାଦ କରି ଧାରଣା ଦିଆଯାଇଛି।

ବରଗଡ ଜିଲା ଅତାବିରା ଥାନା ତଥା ଗୋଡ଼ଭାଗା ଫାଣ୍ଡି ଅନ୍ତର୍ଗତ କୁମେଲସିଂହାଠାରେ ଜବରଦଖଲ ଉଚ୍ଛେଦକୁ ନେଇ ସୋମବାର ଚାପ ଉତ୍ତେଜନା ଦେଖିବାକୁ ମିଳିଥିଲା। ପ୍ରତିବାଦରେ ସେଠାରେ ଦୋକାନବଜାର କରିଥିବା ବ୍ୟକ୍ତି ଧାରଣା ଦେଇ ପ୍ରତିବାଦ କରିଥିଲେ। ଗୋଡ଼ଭାଗା –ସୋନପୁର ୫୪ନମ୍ବର ରାଜ୍ୟ ରାଜପଥର ଦୁଲମପୁର ଛକ କୁମେଲସିଂହା ରାସ୍ତା କଡ଼ରେ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଦୋକାନ ବଜାର କରି ପରିବାର ପତିପୋଷଣ କରୁଛନ୍ତି ୭ଟି ପରିବାର। ଏହାକୁ ହଟାଇବା ନେଇ ସ୍ଥାନୀୟ ଜଣେ ବ୍ୟକ୍ତି ଉଦ୍ୟମ ଚଳାଇଛନ୍ତି। ଅନ୍ୟପଟେ ଦୋକାନ କରି ପରିବାର ପତିପୋଷଣ କରୁଥିବା ବ୍ୟବସାୟୀ ସୁରକ୍ଷା ଦାବିରେ କୋର୍ଟ କଚେରୀ ଯାଇଛନ୍ତି। ବିଭିନ୍ନ ସମୟରେ ସ୍ଥଗିତ ଆଦେଶ ଆଣି ଏବେ ଜିଲାପାଳଙ୍କ ବିଚାରଧୀନ ଥିବା ନରେଶ ମିଓଲ କହିଛନ୍ତି। ତେବେ ନୋଟିସର ୨୪ ଘଣ୍ଟା ନ ପୂରୁଣୁ ସୋମବାର ପ୍ରଶାସନ ଦୋକାନ ବଜାର ଭାଙ୍ଗିବା ପାଇଁ ଦୁଲମପୁର ପହଞ୍ଚି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିଲେ। ଫଳରେ ସେଠାରେ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ୭ଟି ପରିବାର ଓ ଏଥିରେ ନିର୍ଭରଶୀଳ ୧୭ ପରିବାରରର ମହିଳା ପୁରୁଷ ଆସି ଏହାକୁ ବିରୋଧ କରିଥିଲେ। କୁମେଲସିଂହା ଓ ଦୁଲମପୁର ସରପଞ୍ଚ ଆସି ଗୋଟିଏ ମାସ ସମୟ ମାଗିଥିଲେ ବି ପ୍ରଶାସନ ମାନି ନ ଥିଲା'। କୋର୍ଟ ଅର୍ଡର ଅଛି କହି ଭାଙ୍ଗିବାକୁ ଅଡ଼ି ବସିଥିଲା । ଏହାପରେ ଧାରଣରେ ବସିପଡ଼ିଥିଲେ ହିତାଧିକାରୀ। ଅତାବିରା ଥାନା ଆଇଆଇସି ଅନିଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ସ୍ଥିତିକୁ ଆୟତ୍ତ କରିଥିଲେ। ଦୋକାନ ବଜାର ଛାଡି ତା ପଛକୁ ଗୋଚର ଜମିରେ ଜବର ଦାଖଲ ହୋଇ ଗଡିଉଠିଥିବା ଘରଦ୍ୱାରକୁ ଉଚ୍ଛେଦ କରାଯାଇଥିଲା । ଭେଡେନ ତହସିଲଦାର ନେପାଳ ମୁଣ୍ଡା ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବେଳେ ଓ ଅତାବିରା ଅତିରକ୍ତ ତହସିଲଦାର ରଞ୍ଜନ ଦାଶ ଉପସ୍ଥିତ ରହି ଜମି ଚିହ୍ନଟ କରିଥିଲେ । ଏନେଇ ଅତାବିରା ଅତିରିକ୍ତ ତହସିଲଦାର ରଞ୍ଜନ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସେମାନେ କରିଥିବା ଦୋକାନ ବଜାର ଗୋଚର ଆଡ଼କୁ ଜବର ଦାଖଲ ହୋଇଥିଲା। ତା' ଉପରେ ହାଇକୋର୍ଟ ଅର୍ଡର ଥିଲା। ଏହାକୁ ବିଚାର କରି ଅତାବିରା ତହସିଲଦାର ନୋଟିସ କରିଥିଲେ। ଏପ୍ରିଲ ୨୪ରେ ଉଚ୍ଛେଦ ପାଇଁ ଗତ ମାର୍ଚ୍ଚ ୧୩ ଓ ଏପିଲ ୧୩ ନୋଟିସ ପରେ ଶନିବାର ସେମାନଙ୍କୁ ସତର୍କ ନୋଟିସ୍ କରାଯାଇ ଆଜି ଉଚ୍ଛେଦ କରାଯାଇଛି ।

## ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ




ଜିଲାପାଳ କାର୍ଯ୍ୟାଳୟରେ ସଚେତନତା ରଥର ଶୁଭାରମ୍ଭ କରାଯାଉଛି ।

**ବରଗଡ଼ ଅଫିସ୍,୨୪।୪**

ପଛୁଆ ବର୍ଗ ସର୍ଭେ ନିମନ୍ତେ ସୋମବାର ବରଗଡ଼ ଜିଲାରେ ୨ଟି ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଡେପୁଟି କଲେକ୍ଟର ଅଶ୍ୱିନୀ ଦାଶ ଏବଂ ସଞ୍ଜୀବ କୁମାର ମେହେର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶୁଭାରମ୍ଭ ସମୟରେ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ସର୍ଭେ ମାଧ୍ୟମରେ ଆସନ୍ତା ମେ ୧ତାରିଖରୁ ୨୭ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଦ୍ୱାରା ଅଧିସୂଚିତ ୨୦୮ପ୍ରକାର ପଛୁଆ ବର୍ଗ ଲୋକଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ପରିବାରର ମୁଖ୍ୟ କିମ୍ବା ଜଣେ ବରିଷ୍ଠ ସଦସ୍ୟ ରାଶନ କାର୍ଡ଼, ଆଧାର କାର୍ଡ଼, ଭୋଟର ପରିଚୟ ପତ୍ର, ପାନ୍ କାର୍ଡ଼ କିମ୍ବା ପାସପୋର୍ଟ ନେଇ ନିକଟସ୍ଥ ସର୍ଭେ ସେଣ୍ଟରରେ ନିଜ ପରିବାରର ସମସ୍ତ ତଥ୍ୟ ଦେଇ ପାରିବେ। ଏ ନେଇ ସବିଶେଷ ତଥ୍ୟ ପାଇବା ପାଇଁ ନିକଟସ୍ଥ ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ର କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇ ଯୋଗାଯୋଗ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।



ପଦ୍ମପୁର ଶୀତଳ ଷଷ୍ଠୀର ଥାଳ ଉଠିବା ପରେ ଶୋଭାଯାତ୍ରା ନଗର ପରିକ୍ରମା କରୁଛି।

## କନସିଂହା ଶୀତଳ ଷଷ୍ଠୀ ପାଇଁ ପ୍ରସ୍ତୁତି

**ପଦ୍ମପୁର ୨୪।୪ (ଡି.ଏନ.ଏ.)**

ବରଗଡ଼ ଜଲା ପଦ୍ମପୁର କନସିଂହା ଅଷ୍ଟମ ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ଲିଙ୍ଗରାଜ ସିଂ ବରିହାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚାରପାଲି, କନସିଂହା, ବରିହାପାଲି, ଜମଲା ଆଦି ପଞ୍ଚାୟତର ପ୍ରତ୍ୟେକ ଗ୍ରାମରୁ ଭଦ୍ରବ୍ୟକ୍ତି ଯୋଗଦେଇ ମହୋତ୍ସବକୁ ଧୁମଧାମରେ ପାଳନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମେ ୨୧ରୁ ୨୫ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଦିନରେ କନ୍ୟା ଦର୍ଶନ, ପତରପେଣ୍ଡି, ହନୁମାନ ନିମନ୍ତ୍ରଣ, ଗୁଆଗୁଣ୍ଡା, ଦେବଦମ୍ପତି ବରାନୁଗମନ, ବିବାହ, କନ୍ୟାବିଦାୟ ଅନୁଷ୍ଠିତ ହେବ। ପ୍ରତ୍ୟେକ ରାତ୍ରିରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଛି । ଚଳିତ ବର୍ଷ ଜଳନ୍ଧର ଦରବାରରେ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ମହାରାଜ କଂସ ହୃଷୀକେଶ ଭୋଇ ଜଳନ୍ଧର ଭୂମିକାରେ ଅଭିନୟ କରିବେ।

## ପୌର କର୍ମଚାରୀଙ୍କ ଆତ୍ମାହୁତି ଚେତାବନୀ

**ବରଗଡ଼ ଅଫିସ୍,୨୪।୪**




ନ୍ୟାୟ ଦାବିରେ ଜିଲାପାଳ ଅଫିସ ଆଗରେ ବସିଥିବା ମହିଳା ପୌର କର୍ମଚାରୀ ।

ବରଗଡ଼ ପୌର ପରିଷଦରେ ପିଅନଭାବେ କାମ କରୁଥିବା ଜଣେ ମହିଳା କର୍ମଚାରୀ କନକ ମିଶ୍ର ସୋମବାର ଜିଲାପାଳ ଅଫିସ ଆଗରେ ଧାରଣାରେ ବସିବା ସହିତ ଆତ୍ମାହୁତି ଚେତାବନୀ ଦେଇଥିଲେ । ହାଇକୋର୍ଟ ଆଦେଶ ସତ୍ତ୍ୱେ ତାଙ୍କ ଚାକିରିକୁ ନିୟମିତ କରା ନଯିବା ଏବଂ ଆକ୍ରୋଶମୂଳକଭାବେ ତାଙ୍କୁ ବାରମ୍ବାର ଗୋଟିଏ ସେକ୍ସନରୁ ଅନ୍ୟ ସେକ୍ସନକୁ ବଦଳି କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗ ନେଇ ସେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳ ଅଫିସକୁ ଧାଁ ଧପଡ଼ ହେଉଥିବା ସତ୍ତ୍ୱେ ତାଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ମିଳି ନଥିବା କନକ କହିଛନ୍ତି । ଏହାର ପ୍ରତିବାଦରେ ସେ ଜିଲାପାଳ ଅଫିସ ଆଗରେ ଧାରଣା ଦେଇଥିଲେ ଏବଂ ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ତାଙ୍କ ପାଖକୁ ପହଞ୍ଚି କନକଙ୍କୁ ବୁଝାଶୁଝା କରିଥିଲା ଏବଂ ପରେ ପୋଲିସ ତାଙ୍କୁ ସେଠାରୁ ଘରକୁ ନେଇ ଛାଡ଼ି ଆସିଥିଲା ।

# ପଦ୍ମପୁର ଶୀତଳ ଷଷ୍ଠୀ ଥାଳ ଉଠିଲା

**ପଦ୍ମପୁର ୨୪।୪(ଡି.ଏନଏ)**

ଚଳିତ ବର୍ଷ ପଦ୍ମପୁର ଶୀତଳ ଷଷ୍ଠୀ ମହୋତ୍ସବର ଥାଳ ଉଠା କାର୍ଯ୍ୟକ୍ରମ ପାରମ୍ପରୀକ ରୀତିନୀତିରେ ପଣ୍ଡିତ ସରୋଜ ପାଣିଗ୍ରାହୀଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ଚଳିତ ବର୍ଷ ଶିବ ବାବାଙ୍କ ମାତା ପିତା ଭାବେ ପଦ୍ମପୁର ହନୁମାନପଡାର ଚିନ୍ମୟୀ ଦାଶ ଓ ଜିତେନ୍ଦ୍ର ଦାଶ, ମାତା ପାର୍ବତୀଙ୍କ ମାତାପିତା ଭାବେ ପଦ୍ମପୁର ବଡପଡା ନିବାସୀ ବର୍ଷା ବଂଶଲ ଓ ଆଶୀଷ ବଂଶଲ ମନୋନୀତ ହୋଇଛନ୍ତି। ବଡପଡା ରାମେଶରବାବା ମନ୍ଦିର ଠାରେ ଶୀତଳ ଷଷ୍ଠୀ ଥାଳ ଉଠା ହୋଇ ନଗର ପରିକ୍ରମା କରାଯାଇଥିଲା। ଏଥିରେ ଶୀତଳ ଷଷ୍ଠୀ ମହୋତ୍ସବ କମିଟି ସଦସ୍ୟ ଓ ସହରବାସୀ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଚୋରି ଅଭିଯୋଗରେ ୨ ଗିରଫ

**ସରଣ୍ଡା/ଅତାବିରା,୨୪।୪ (ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ଚୋରି ଅଭିଯୋଗରେ ଶନିବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଅତାବିରା ଥାନା ପଧାନଟିକ୍ରା ଗ୍ରାମର କୀର୍ତ୍ତନ ବରିହା(୨୪) ଏବଂ ଅନ୍ୟଜଣେ ନାବାଳକ ରହିଛନ୍ତି। ଅଭିଯୁକ୍ତ କାର୍ତ୍ତିକଙ୍କୁ କୋର୍ଟଚାଲାଣ କରାଯାଇ ଥିବାବେଳେ ସମ୍ପୃକ୍ତ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା(ନଂ–୧୬୦/୨୩) ରୁଜୁ ହୋଇଛି। ପ୍ରକାଶ ଯେ, ଗତ ୨୧ତାରିଖ ରାତିରେ ପଧାନଟିକ୍ରା ଗ୍ରାମର କ୍ଷୀର ଭୋଇଙ୍କ ଘରୁ ଏକ ବାଇକ(ନଂ–ସିଜି୦୬ଜିପି ୯୪୪୬) ଏବଂ ଏକ ଇଣ୍ଡକ୍ସନ ହିଟର ଚୋରି ହୋଇଥିଲା । ଏ ନେଇ କ୍ଷୀର ଥାନାରେ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ସହିତ ସେମାନଙ୍କ ପାଖରୁ ଚୋରି ସାମଗ୍ରୀ ଜବତ କରିଥିଲା ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଅଭିଯୋଗ ଶିବିରରେ ଅଧିକାରୀଗଣ।

**ପଦ୍ମପୁର ୨୪।୪ (ଡିଏନଏ)**

ବରଗଡ ଜିଲା ପଦ୍ମପୁର ରାଜବୋଡାସମ୍ବର ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୭ଟି ଗୋଷ୍ଠୀଗତ ଓ ୨୩ଟି ବ୍ୟକ୍ତିଗତ ଅଭିଯୋଗ ଶୁଣାଣି ହୋଇଥିଲା। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଆରକ୍ଷୀ ଅଧିକ୍ଷକ ପି.ଏସ .ମୀନା, ଉପ ଜିଲାପାଳ ସଦାକର କୁମ୍ଭାର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଭୂତି ଭୂଷଣ ଭୋଇ, ବିଡିଓ ବିଶ୍ୱନାଥ ସାହୁ, ତହସିଲଦାର ତାପସ କୁମାର ବିଶି ଯୋଗ ଦେଇଥିଲେ।

## କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଅ: ଏଏପି

**ସରଣ୍ଡା, ୨୪।୪(ଡି.ଏନ.ଏ.)**



ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବରଗଡ ଜିଲା ଅତାବିରା ବ୍ଲକ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଛି। ସେହିପରି ରବି ଫସଲରେ ଅଜଣା ରୋଗପୋକ ଯୋଗୁ କ୍ଷୟକ୍ଷତି ହୋଇଛି। ଏହି ପରିସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ଆମ ଆଦମୀ ପାର୍ଟି(ଏଏପି) ଦାବି କରିଛି। ଦିଲ୍ଲୀର ଅରବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱାଧୀନ ଏଏପି ସରକାର ଯେପରି ଏକର ପ୍ରତି ଚାଷୀଙ୍କୁ ୨୦ହଜାର ଟଙ୍କା କ୍ଷତିପୂରଣ ଦେଉଛନ୍ତି ସେହିପରି ଅତାବିରା ଅଞ୍ଚଳର ଚାଷୀଙ୍କୁ ଦିଆଯାଉ ବୋଲି ଦଳର ସଂଯୋଜକ ଜୟକ୍ରିଷ୍ଣା ଛୁରିଆ କହିଛନ୍ତି। ଅତାବିରା ତହସିଲ ଅଫିସରେ ଲିଖିତ ଭାବରେ ଦଳର କାର୍ଯ୍ୟକର୍ତ୍ତାଙ୍କ ତରଫରୁ ଦାବିପତ୍ର ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଏମ୍.ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା। ବ୍ଲକ ସଭାପତି ଯଦୁମଣୀ ପ୍ରଧାନ, ଗୌତମ ମହାନନ୍ଦ, ଭରତ ମହାନନ୍ଦ ଓ ସୁବଳ କହଁର ପ୍ରମୁଖ ଉପସ୍ଥିତ ଥିଲେ।

## ବରଗଡ଼ରେ ପର୍ଶୁରାମ ଜୟନ୍ତୀ



ପର୍ଶୁରାମ ଜୟନ୍ତୀ ଅବସରରେ ଶୋଭାଯାତ୍ରା ।

**ବରଗଡ଼ ଅଫିସ୍,୨୪।୪**

ବରଗଡ଼ ଜିଲା ବ୍ରାହ୍ମଣ ସମାଜ ଓ ପର୍ଶୁରାମ ବାହିନୀର ମିଳିତ ଆୟୋଜନରେ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଯାଇଛି। ପଣ୍ଡିତ କୁଳମଣି ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ଶିବ ପ୍ରସାଦ ଦାଶ ପୂଜାର୍ଚ୍ଚନା କରିଥିଲେ । ନରେଶ ମିଶ୍ର ସପତ୍ନୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ପଣ୍ଡିତ ନରସିଂହ ଶତପଥି, ହରେରାମ ପଣ୍ଡା, ଅନନ୍ତ ଶତପଥି, ସତ୍ୟାନନ୍ଦ ଶତପଥି, କୈଳାସ ପଣ୍ଡା, କାହ୍ନା ଦାଶ, ଶ୍ରୁତିମୋଚନ ମହାପାତ୍ର, ଆନନ୍ଦ ଷଡ଼ଙ୍ଗୀ, ସୁମନ୍ତ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ହୋମଯଜ୍ଞ, ପୁଷ୍ପାଞ୍ଜଳି, ଆରତୀ ଏବଂ ଆଶିର୍ବାଦ ପୂଜା ବିଧି ସମ୍ପନ୍ନ ହୋଇଥିଲା। ଜିଲା ପର୍ଶୁରାମ ବାହିନୀର ସଭାପତି ଦିପକ ଦାଶଙ୍କ ସମେତ ବ୍ରାହ୍ମଣ ସମାଜର ବହୁ ସଦସ୍ୟ ଉପସ୍ଥିତ ରହି ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ଅପରାହ୍ନରେ ଶ୍ୟାମାକାଳୀ ମନ୍ଦିରରୁ ପ୍ରଭୁ ପର୍ଶୁରାମଙ୍କ ଭବ୍ୟ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହିତ ସାଇକ୍ରିଷ୍ଣା ପେଲେସରେ ପହଞ୍ଚିଥିଲା। ସେଠାରେ ଶାସ୍ତ୍ରୀୟ ବେଦପାଠ କରାଯାଇଥିଲା।

# କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବିରେ ରାଲି

**ସରଣ୍ଡା,୨୪।୪(ଡି.ଏନ.ଏ.)**




ଓଡିଶା ରାଜ୍ୟ କୃଷକ ସଂଗଠନ ସଦସ୍ୟ ରାଲିରେ ଯାଉଛନ୍ତି।

କାଳବୈଶାଖୀ ଝଡ଼ ବର୍ଷା ସହ କୁଆପଥର ମାଡ଼ରେ ବରଗଡ ଜିଲା ଅତାବିରା ଅଞ୍ଚଳର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି। ଅମଳ ହେବାକୁ ଥିବ ଧାନ କେଣ୍ଡା କ୍ଷେତରେ ଝଡି ପଡିଛି। ଧାନ ଗଛ କେଣ୍ଡା ବିହୀନ ହୋଇ ଝାଡୁ ଭଳି ହୋଇଯାଇଛି । ସେଥିରେ ଆଉ ଧାନବିଜା ନାହିଁ। ସପ୍ତାହେ ପୂର୍ବରୁ ଅଜଣା ରୋଗ ପୋକ ଯୋଗୁଁ ଧାନ ଫସଲରେ ଶୁଖିଲା ଖେଡ଼ ହୋଇ ଅର୍ଦ୍ଧେକ ଧାନ ନଷ୍ଟ ହୋଇଥିଲା । ଗତ ୨୨ ତାରିଖର କାଳବୈଶାଖୀ ଝଡ଼ ତୋଫାନ ଓ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ଫସଲକୁ ସମ୍ପୂର୍ଣ୍ଣ ଉଜାଡି ଚାଷୀଙ୍କୁ ସର୍ବସ୍ୱାନ୍ତ କରିଛି। ଏଣୁ କ୍ଷତିପୂରଣ ଦାବିରେ ଅତାବିରାରେ ଥିବ ବିଭିନ୍ନ କୃଷକ ସଂଗଠନ ଆଜି ଅତାବିରାରେ ରାଲି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଏମ.ପଣ୍ଡାଙ୍କୁ ପ୍ରଦାନ କରିଥିଲେ। ତେବେ କ୍ଷତିପୂରଣ ନେଇ ସ୍ପଷ୍ଟୀକରଣ ନ ହେବା ଯାଏ ଧାରଣାରେ ରହିବାକୁ ଜିଦ ଧରି ଚାଷୀ ସଂଗଠନର ବୟୋଜ୍ୟେଷ୍ଠ ସଦସ୍ୟମାନେ ତହସିଲ ଅଫିସରେ ଧାରଣାରେ ବସିଥିଲେ । ତେବେ ଅତିରିକ୍ତ ତହସିଲଦାର ପଣ୍ଡା ସେମାନଙ୍କ ସହ ଆଲୋଚନା କରିବା ପରେ ଅପରାହ୍ନ ୧ଟା ପରେ ସେମାନେ ଧାରଣରୁ ଉଠିଥିଲେ।

**କାଳବୈଶାଖୀରେ ଫସଲ ନଷ୍ଟ**

ଅନ୍ୟପକ୍ଷେ ଚାଷୀଙ୍କ ହକ୍ ପାଇଁ ଲଢେଇ କରୁଥିବା ଓଡିଶା ରାଜ୍ୟ କୃଷକ ସଂଗଠନ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଶହଶହ ଚାଷୀ ଉଜୁଡି ଯାଇଥିବା ଧାନ ଗଛ ଧରି ଅତାବିରା ଦୁର୍ଗା ମନ୍ଦିରରୁ ହସ୍ପିଟାଲ ଛକ ଜାତୀୟ ରାଜପଥରେ ରାଲି କରିଥିଲେ। ପରେ ସେମାନେ ମଧ୍ୟାହ୍ନ ୧୧ଟା ୩୦ରେ ତହସିଲ ଅଫିସରେ ପହଞ୍ଚିଥିଲେ । ସେମାନେ ସ୍ମାରକ ପତ୍ରରେ ଦର୍ଶାଇଛନ୍ତି ଯେ, କରକାପାତ ଏବଂ ଅଜଣା ରୋଗପୋକର ତୁରନ୍ତ ଯୁଗ୍ମ କମିଟି ମାଧ୍ୟମରେ ଧାନ ଫସଲରେ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତଙ୍କୁ ଅତିଶୀଘ୍ର ମଧ୍ୟବର୍ତ୍ତିକାଳୀନ ସହାୟତା, ସବ୍‌ସିଡି, ଫସଲବୀମା ପ୍ରଦାନ କରାଯାଉ। ନଚେତ୍ ସପ୍ତାହକ ପରେ ସଂଗଠନ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବୁ ସଭାପତି ବୀରେନ୍ଦ୍ର କର ଚେତାବନୀ ଦେଇଛନ୍ତି ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ପିଇଓଙ୍କ ମୃତ୍ୟୁ

**ରେଢାଖୋଲ,୨୪।୪(ଡି.ଏନ.ଏ.):** ରେଢାଖୋଲ-ଦେବଗଡ଼ ରାସ୍ତାର ମୁଟୁରୁମୁଣ୍ଡା ସେବାଶ୍ରମ ସ୍କୁଲ ନିକଟରେ ସୋମବାର ସାଢେ ୧୨ଟା ବେଳେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରେଢାଖୋଲ ଥାନା ବୁର୍ଡା ଗ୍ରାମର ତ୍ରିନାଥ ମହାକୁଡ (୫୬)। ତ୍ରିନାଥ ନାକ୍ଟିଦେଉଳ ବ୍ଲକ ସିମିଳିପାଳ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଅଫିସ କାମ ସାରି ସେ ବାଇକ୍ (ଓଡି୧୫କ୍ୟୁ-୧୫୬୫) ଯୋଗେ ଘରକୁ ଫେରୁଥିବା ବେଳେ ରାସ୍ତାକଡ ସୁରକ୍ଷା ବାଡରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ରେଢାଖୋଲ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିଛି।

### କର୍ଫ୍ୟୁ କୋହଳ, ରାତି ୮ ପରେ ଲାଗୁ

**ସମ୍ବଲପୁର,୨୪।୪(ବ୍ୟୁରୋ):** ସମ୍ବଲପୁରରେ ହନୁମାନ ଜୟନ୍ତୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା ସମୟରେ ପଥର ମାଡ଼, ପୋଡ଼ାଜଳା ଓ ଆକ୍ରମଣ ଘଟଣା ପରେ ଜିଲା ପ୍ରଶାସନ କର୍ଫ୍ୟୁ ଲାଗୁ କରିଥିଲା। ଦୀର୍ଘ ୧୦ଦିନ ହେଲା କର୍ଫ୍ୟୁ ଲାଗିରହିଥିବାବେଳେ ପର୍ଯ୍ୟାୟକ୍ରମେ ଏହାକୁ କୋହଳ କରାଯାଉଛି। ମଙ୍ଗଳବାର ସକାଳ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ କୋହଳ କରାଯାଇଛି। ହେଲେ କୋହଳ ସମୟରେ ଭିଡ କରିବା, ସଭା ସିମିତି କରିବା ପାଇଁ ଅନୁମତି ନେବାକୁ ପଡିବ। ଧାର୍ମିକ ଅନୁଷ୍ଠାନ ସମ୍ମୁଖରେ ମଧ ଭିଡ କରିବାକୁ ବାରଣ କରାଯାଇଛି। ସୂଚନାଯୋଗ୍ୟ, ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଏପ୍ରିଲ ୧୨ ତାରିଖ ଓ ଏପ୍ରିଲ ୧୪ ତାରିଖ ସମ୍ବଲପୁରରେ ସାମ୍ପ୍ରଦାୟିକ ହିଂସା ଘଟିଥିଲା। ପୋଲିସ ଦୁଇଟି ମାମଲା ରୁଜୁ କରି ସୁନାପାଲି ଅଞ୍ଚଳରେ ଚଢାଉ କରି ୧୫ରୁ ଊର୍ଦ୍ଧ୍ୱ ପେଟ୍ରୋଲ ବୋମା, ୧୮ ପ୍ଲାଷ୍ଟିକ ଟ୍ରେରେ ଥିବା ଧାରୁଆ ପଥର ଜବତ କରିଥିଲା।

### ଯୁବକଙ୍କୁ ଛୁରାମାଡ଼ ଅଭିଯୋଗ

**ଦେଓଗାଁ,୨୪।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଲଣ୍ଡାପଥରରେ ଜଣେ ଯୁବକଙ୍କୁ ଛୁରା ମାଡ଼ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆହତଙ୍କ କାକା ଶୁକଦେବ ପଧାନଙ୍କ ଅଭିଯୋଗକୁ ଭିତ୍ତି କରି ଦେଓଗାଁ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ଲଣ୍ଡାପଥରର ରଞ୍ଜିତ ପଧାନ ଗାଁରେ ଚାଲିଥିବା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦେଖିବା ପାଇଁ ଆସୁଥିବା ବେଳେ ସେହି ଗାଁର ଜଣେ ଯୁବକ ତାଙ୍କୁ ଅତର୍କିତ ଭାବେ ଛୁରୀରେ ଆକ୍ରମଣ କରିଥିଲା। ରଞ୍ଜିତଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଡାକ୍ତରଖାନା ପଠାଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଥିବା ପରିବାରବର୍ଗ ସୂଚନା ଦେଇଛନ୍ତି।

# ପ୍ରଶାସନିକ ଅଧିକାରୀ ହଟହଟା


ଭବାନୀପାଲି ଗ୍ରାମରେ ପ୍ରଶାସନିକ ଅଧିକାରୀମାନେ।


ଆହତଙ୍କୁ ଚେକ୍ ପ୍ରଦାନ କରାଯାଉଛି।

- ଦଙ୍ଗାରେ ଆହତଙ୍କୁ ଆଣିବାକୁ ଯାଇଥିଲେ
- ଅପହରଣ ଉଦ୍ୟମ ପରେ ଦେଲେ କ୍ଷତିପୂରଣ
- ଏତେଦିନ କୁଆଡେ ଥିଲା ପ୍ରଶାସନ: ପୀଡ଼ିତ

**ସମ୍ବଲପୁର,୨୪।୪(ବ୍ୟୁରୋ)**

ସମ୍ବଲପୁର ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ହୋଇଥିବା ଦଙ୍ଗାରେ ଆହତ ଝୁଝୁମୁରା ଥାନା ଭବାନୀପାଲି ଗ୍ରାମର ବିଶ୍ୱନାଥ ଶିଖାଙ୍କୁ ଆଣିବାକୁ ଯାଇ ସୋମବାର ପ୍ରଶାସନିକ ଅଧିକାରୀ ହଟହଟା ହୋଇଛନ୍ତି। ଘରକୁ ଆସିଥିବା ଅଧିକାରୀମାନଙ୍କୁ ଆହତ ବିଶ୍ୱନାଥ ବିଭିନ୍ନ ପ୍ରଶ୍ନ କରିଥିଲେ। ଏତେଦିନ କୁଆଡେ ଥିଲା ପ୍ରଶାସନ, ଆହତ ହୋଇ ଚିକିତ୍ସିତ ହେବା ସମୟରେ କାହାରି ଦେଖା ମିଳିଲା ନାହିଁ। ଦୀର୍ଘ ୧୦ଦିନ ପରେ କାହିଁକି ବଡବାବୁମାନେ ଆମ ଛୋଟ ଘରକୁ ଆସିଛନ୍ତି। ଦୁଃଖ ସମୟରେ ସହାୟତା କରିଥିଲେ ଭଲ ହୋଇଥାନ୍ତା। ମୋତେ କାହିଁକି ନେବାକୁ ଆସିଛନ୍ତି ବୋଲି ପ୍ରଶ୍ନ ପଚାରିଥିଲେ। ପରିବାର ଓ ପରିଜନ ମଧ ବିଶ୍ୱନାଥଙ୍କୁ ସମର୍ଥନ କରି ସମାନ କଥା କହିଥିଲେ। ଅଧିକାରୀମାନେ ବୁଝାଇ ତାଙ୍କୁ ଝୁଝୁମୁରା ତହସିଲଦାରଙ୍କ ଗାଡିରେ ବସାଇଥିଲେ। ହେଲେ ଭାଜପା କର୍ମକର୍ତ୍ତା ପହଞ୍ଚି ଗାଡିରୁ ବିଶ୍ୱନାଥଙ୍କୁ ଓହ୍ଲାଇଦେଇ ଗ୍ରାମରେ ଯାହା କହିବା କଥା କୁହନ୍ତୁ ବୋଲି କହିଥିଲେ। ଏଭଳି ସ୍ଥିତି ପ୍ରାୟ ୪ଘଣ୍ଟା ଧରି ଲାଗିରହିଥିଲା। ସଦର ଉପଜିଲାପାଳ ପ୍ରଭାଶ ଡନସେନା, ଏଡିଏମ୍ ଅଜାମ୍ବର ମହାନ୍ତି, ତହସିଲଦାର ଅଭିଷେକ ସାହୁ, ବିଡିଓ ନୀଳାମ୍ବର ମହାନନ୍ଦ, ସଦର ଏସ୍‌ଡିପିଓ ପ୍ରଦୀପ ସାହୁ, ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ପ୍ରମୁଖ ଅଧିକାରୀ ବିଶ୍ୱନାଥଙ୍କ ଘରକୁ ଯାଇଥିଲେ। ଶେଷରେ ବିଜେଡି ନେତାମାନେ ପହଞ୍ଚି ପରିବାର ସହିତ ଆଲୋଚନା କରି ସମାଧାନର ବାଟ ବାହାର କରିଥିଲେ। ରେଡକ୍ରସ୍ ପକ୍ଷରୁ ବିଶ୍ୱନାଥଙ୍କୁ ୧୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଉପଜିଲାପାଳ ଡନସେନା କହିଥିଲେ, କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ଦିଆଯିବ। ସେଥିପାଇଁ ଯାଞ୍ଚ କରାଯାଉଥିଲା। ଏହାସହ ତାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଜାଣିବା ପାଇଁ ଯାଇଥିଲେ ବୋଲି କହିଥିଲେ।

ଏହାକୁ ନେଇ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, ମଙ୍ଗଳବାର ଏସ୍‌ଟି କମିଶନ ସମ୍ବଲପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। କମିଶନ ଆଗରେ ପୀଡିତ ସତ୍ୟ ଘଟଣା କହିଦେବା ଆଶଙ୍କା କରି ଆହତ ବିଶ୍ୱନାଥଙ୍କୁ ଅପହରଣ କରିବାକୁ ପ୍ରଶାସନ ଉଦ୍ୟମ କରୁଥିଲା। ପ୍ରଥମେ ଜଣେ ବିଜେଡି ନେତା ତଥା ବ୍ୟବସାୟୀଙ୍କ ଗୋଷ୍ଠୀର କେତେଜଣ ଯୁବକ ଆସି ବିଶ୍ୱନାଥଙ୍କୁ ଅପହରଣ କରିବାକୁ ଯୋଜନା କରିଥିଲେ। ଏହା ଜିଲା ପ୍ରଶାସନ ଇଙ୍ଗିତରେ ହୋଇଥିଲା। ଟଙ୍କା ଲୋଭ ଦେଖାଇ ସତ୍ୟକୁ ଚପାଇଦେବାକୁ ଉଦ୍ୟମ କରାଯାଉଛି। ଦଙ୍ଗାରେ ପୀଡିତ ପରିବାରକୁ ସମବେଦନା ଜଣାଇବା ବଦଳରେ ଭୟଭୀତ କରାଯାଉଛି। ପ୍ରଥମେ ଭୟଭୀତ କରି ଅପହରଣ କରିବାକୁ ଯୋଜନା କରାଯାଇଥିଲା। ତାହା ବିଫଳ ହେବାରୁ ରେଡକ୍ରସ୍‌ରୁ କ୍ଷତିପୂରଣ ଦେଇ ସମାଧାନ କରିବାକୁ ପ୍ରଶାସନ ଯୋଜନା କରିଛି ବୋଲି ଦଳ ଅଭିଯୋଗ କରିଛି। ଭାଜପାର ମଣ୍ଡଳ ସଭାପତି ଓମ୍‌ପ୍ରକାଶ ବିଶ୍ୱାଳ, ସସ୍ମିତା ଦେହୁରି, ପରିକ୍ଷିତ ନାଏକ ଓ ବିଜେଡି ନେତା ବରୁଣ ଦେହୁରି ପ୍ରମୁଖ ଉପସ୍ଥିତ ଥିଲେ।

## ଇନାମ ମାଧ୍ୟମରେ ତରଭୁଜ ବିକ୍ରି

**କୁଚିଣ୍ଡା,୨୪।୪(ଡି.ଏନ.ଏ.)**

କୁଚିଣ୍ଡା ଆର୍‌ଏମ୍‌ସିରେ ଇନାମ (ରାଷ୍ଟ୍ରୀୟ କୃଷି ବଜାର) ମାଧ୍ୟମରେ କୃଷିଜାତ ଦ୍ରବ୍ୟର ବିକ୍ରିବଟା ବ୍ୟବସ୍ଥା ହେଉଛି। ଏଥିଯୋଗୁ ଚାଷୀ ତା'ର କଷ୍ଟୋପାର୍ଜିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇପାରୁଛି। ରବିବାର କୁଚିଣ୍ଡା ଇନାମ ମଣ୍ଡିରେ ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ସାଲୋହି ଗ୍ରାମର ଶିବଚରଣ କଉଡିଙ୍କ ସମେତ ଅନ୍ୟ ଚାଷୀମାନେ କରିଥିବା ତରଭୁଜ ଚାଷ କିଲୋପ୍ରତି ୭ଟଙ୍କା ୫୦ପଇସାରେ ୩୦ କୁଇଣ୍ଟାଲ ତରଭୁଜ ବିକ୍ରି କରିଛନ୍ତି। ଏହା ବର୍ତ୍ତମାନର ବଜାର ମୂଲ୍ୟଠାରୁ ଅଧିକ ଥିବା ଜଣାପଡିଛି। ଏହି ତରଭୁଜକୁ ମୟୁରଭଞ୍ଜ ଜିଲା ଉଦଳା ଇନାମ ମଣ୍ଡିର ବ୍ୟବସାୟୀ ପ୍ରସନ୍ନ ପ୍ରଧାନ କ୍ରୟ କରିଛନ୍ତି। କୁଚିଣ୍ଡା ଆର୍‌ଏମ୍‌ସି ଅଧକ୍ଷ ତଥା ଉପଜିଲାପାଳ ବିଭୂତିଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ଇନାମ ମଣ୍ଡି ଏନାଲିଷ୍ଟ ଶିବାଶିଷ ପାତ୍ର ଓ କୁଚିଣ୍ଡା ଆର୍‌ଏମ୍‌ସି ସମ୍ପାଦକ ମନୋଜ ମହାନ୍ତଙ୍କ ଉପସ୍ଥିତିରେ ଏହି ବିକ୍ରିବଟା ହୋଇଥିବା ଜଣାଯାଇଛି। ପ୍ରକାଶଥାଉ କି, ସରକାରଙ୍କ ଏହି ଇନାମ ଯୋଜନାରେ ୨୦୯ପ୍ରକାର କୃଷିଜାତ ଦ୍ରବ୍ୟର କିଣାବିକା ହେବାର ବ୍ୟବସ୍ଥା ରହିଥିବା ବେଳେ କୁଚିଣ୍ଡା ଅଞ୍ଚଳରେ ବ୍ଲାକ ଡାଏମଣ୍ଡ ଓ କ୍ୟାପସୁଲ ଭେରାଇଟିର ତରଭୁଜ ଚାଷ ହୋଇଥିବା ଆର୍‌ଏମ୍‌ସି ସମ୍ପାଦକ ମହାନ୍ତ କହିଛନ୍ତି ।

## ହିନ୍ଦୁ ସମାଜ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର


ଅତିରିକ୍ତ ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

**କୁଚିଣ୍ଡା/ ଜମନକିରା,୨୪।୪(ଡି.ଏନ.ଏ.)**

ସମ୍ବଲପୁରଠାରେ ଘଟିଥିବା ହିଂସାତ୍ମକ ଆକ୍ରମଣକୁ କୁଚିଣ୍ଡା ବ୍ଲକ ହିନ୍ଦୁ ସମାଜ ପକ୍ଷରୁ ନିନ୍ଦା କରାଯାଇଛି। ଜିଲା ପ୍ରଶାସନର ଅପାରଗତା କାରଣରୁ ଏଭଳି ହିଂସା ହୋଇଥିବା ହିନ୍ଦୁ ସମାଜ ଅଭିଯୋଗ କରି ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛଧି। ଏହି ମର୍ମରେ ବ୍ଲକ ହିନ୍ଦୁ ସମାଜ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଶ୍ରୀକାନ୍ତ ଦ୍ୱିବେଦୀ, ରଙ୍ଗାଧର ଶର୍ମା, ମହେଶ ରାୟ, ପ୍ରଭାତ ଶର୍ମା, ନରେଶ ପଟେଲ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଅତୁଲ ଅଗ୍ରୱାଲ, ରବିନାରାୟଣ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ସହଦେବ ନନ୍ଦ ଦାବିପତ୍ର ଗ୍ରହଣ କରିଥିଲେ।

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ହୋଇଥିବା ହିଂସା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି ନେଇ ସୋମବାର ଜମନକିରା ବ୍ଲକ ହିନ୍ଦୁ ସମାଜ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ସ୍ଥାନୀୟ ବିଡ଼ିଓ ଅଭିଯୋଗ ଶୁଣାଣି ପାଇଁ କୁଲୁଣ୍ଡି ଯାଇଥିବା ବେଳେ ହିନ୍ଦୁ ସମାଜ କର୍ମକର୍ତ୍ତା ଜିପିଓ ସତ୍ୟପ୍ରିୟ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସମାଜର ଜିଲା ସଂଯୋଜକ ଗୋଲେଖ ପ୍ରଧାନଙ୍କ ନେତୃତ୍ୱରେ ଅବନୀ ପ୍ରସାଦ ବେହେରା, ଅମୋଘ ବୈରିଗଞ୍ଜନ ପାଣିଗ୍ରାହୀ, ଡା. କାର୍ତ୍ତିକେଶ୍ୱର ପଧାନ, ସ୍ୱାମୀ ଶିବାନନ୍ଦ ଜି ମହାରାଜ, ରବୀନ୍ଦ୍ର ମଲ୍ଲିକ, ନନ୍ଦଲାଲ ସାହୁ, ସାଲେକରାମ ପଧାନ, ମଳୟ ବେହେରା ପ୍ରମୁଖ ସାମିଲ ଥିଲେ।

## ଯୁଗ୍ମ ଜନ ଶୁଣାଣି ଶିବିର

**କଣ୍ଟାବାଞ୍ଜି, ୨୪।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଝରଣି ଗ୍ରାମସ୍ଥିତ କଲ୍ୟାଣମଣ୍ଡପରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଏସ୍‌ପି ନୀତିନ କୁଶଲକରଙ୍କ ମିଳିତ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରାଣା ଓ ପୋଲିସ ଅଧୀକ୍ଷକ କୁଶଲକର ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଝରଣି ଦ୍ୱାରା କରାଯାଇଥିବା ଚାରା ଉତ୍ପାଦନ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହାପରେ ମିଶନ ଶକ୍ତି ଗୃହରେ ବ୍ଲକର ୧୯ଟି ପଞ୍ଚାୟତରୁ ଆସିଥିବା ୭୭ଟି ଅଭିଯୋଗ ଉପରେ ଜନଶୁଣାଣି କରାଯାଇଥିଲା। ଜନଶୁଣାଣିରେ ଟିଟିଲାଗଡ ଉପଜିଲାପାଳ ଦୟାମୟ ପାଢୀ, ତୁରେକେଲା ବିଡିଓ ଦେବାଶିଷ ସାମଲ, କଣ୍ଟାବାଞ୍ଜି ତହସିଲଦାର ଅମୃତଲାଲ ବେହେରାଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ସାମିଲ ଥିଲେ। ଜନଶୁଣାଣି ପରେ ଜିଲାପାଳ ରାଣା ଏବଂ ପୋଲିସ ଅଧୀକ୍ଷକ କୁଶଲକର ବିଭିନ୍ନ ବିଭାଗ ଦ୍ୱାରା ଲାଗିଥିବା ଷ୍ଟଲ ବୁଲି ଦେଖିଥିଲେ। ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ କଣ୍ଟାବାଞ୍ଜି ଏସଡିପିଓ ଗୌରାଙ୍ଗ ଚରଣ ସାହୁ, ତୁରେକେଲା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା।

## ବିଭିନ୍ନ ପଡ଼ାରେ ସଦ୍‌ଭାବନା କାର୍ଯ୍ୟକ୍ରମ


ଶପଥ ପାଠ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀମାନେ।

**ସମ୍ବଲପୁର,୨୪।୪(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗର ଅନ୍ତର୍ଗତ ବିଭିନ୍ନ ପଡାରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ସଦ୍‌ଭାବନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନାପାଲି, ଗେଞ୍ଜୁଟିପାଲି, ମୋତିଝରନ, ବରଗଛପଡା, ଭୁତାପଡା ଅଞ୍ଚଳକୁ ନେଇ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ବିଭିନ୍ନ ସମ୍ପ୍ରଦାୟର ଯୁବକ, ଶିଶୁ, ମହିଳା ଓ ବରିଷ୍ଠ ନାଗରିକଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତାରେ ମହମ୍ମଦ ଫର୍ଦ୍ଦିନ ପ୍ରଥମ, ସବିନା ତବସୁମ ଦ୍ୱିତୀୟ ଓ ସବନମ ବି ତୃତୀୟ ସ୍ଥାନ ହାସଲ କରିଥିଲେ। ମୁଖ୍ୟଅତିଥି ଜିଲାପାଳ ଅନନ୍ୟା ଦାସଙ୍କ ଠାରୁ କୃତୀ ପ୍ରତିଯୋଗୀମାନେ ପୁରସ୍କାର ଗ୍ରହଣ କରିଥିଲେ। ଏସ୍‌ପି ବାତୁଲା ଗଙ୍ଗାଧର, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ ସାହୁ, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା ସମ୍ମାନିତ ଅତିଥି ଥିଲେ। ଅପରାହ୍ଣ ୪ଟାରେ ପେନସନପଡା କଲ୍ୟାଣ ମଣ୍ଡପଠାରେ ମାୟାବଗିଚା, ସାଲିଆବଗିଚା, ପେନସନପଡା ଓ କୁମ୍ଭାରପଡା ଅଞ୍ଚଳର ଜନସାଧାରଣଙ୍କୁ ନେଇ ବିବିଧ କାର୍ଯ୍ୟକ୍ରମ ସହ ସଚେତନଧର୍ମୀ ନାଟକ ପରିବେଷଣ କରାଯାଇଥିଲା। ସମ୍ବଲପୁର ଅଦୃଶ୍ୟ ଆଶ୍ରମର କଳାକାରମାନେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ସହର ମଧ୍ୟରେ ଜନସାଧାରଣଙ୍କ ମଧ୍ୟରେ କିଭଳି ଭାଇଚାରା ପୁଣି ଥରେ ସୃଷ୍ଟି ହେବ ସେଥିପାଇଁ ପ୍ରଶାସନ ତରଫରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସନ୍ଧ୍ୟାରେ ଗୋର ବଜାର ଅଞ୍ଚଳରେ ସଦ୍‌ଭାବନା ଶୋଭାଯାତ୍ରା ହୋଇଥିଲା । ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ପ୍ରବକ୍ତା ସଞ୍ଜୟ ବାବୁ, ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସଭାପତି ଡା. ରାଜକୁମାର ବଡପଣ୍ଡା, ସମାଜିକ କର୍ମୀ ବବି ସିଂ ପ୍ରମୁଖ ସାମିଲ ଥିଲେ।

## ସମ୍ବଲପୁର ପବ୍ଲିକ ଲାଇବ୍ରେରି ପ୍ରତିଷ୍ଠା ଦିବସ

**ସମ୍ବଲପୁର,୨୪।୪(ବ୍ୟୁରୋ)**

ସମ୍ବଲପୁର ପବ୍ଲିକ ଲାଇବ୍ରେରିର ୨୧ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ସଭାପତିତ୍ୱ କରିଥିଲେ। ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଭ୍ୟ ଅର୍ଜୁନ ରଞ୍ଜନ ପଣ୍ଡା ଓ ଅରବିନ୍ଦ ମହାପାତ୍ର ଲାଇବ୍ରେରି ପ୍ରତିଷ୍ଠା ସମୟର ଇତିହାସ ବ୍ୟାଖ୍ୟା ସହ ୨୦ବର୍ଷ ଭିତରେ ଅଭିବୃଦ୍ଧି ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ରମାବଲ୍ଲଭ ମିଶ୍ର, ପୂର୍ବତନ ନ୍ୟାୟାଧିଶ ଗୋପରଞ୍ଜନ ଦୁବେ, ପ୍ରଫେସର ମୁରଲୀ ପ୍ରେମଚନ୍ଦ ନାୟକ, ପ୍ରଫେସର ଶଙ୍କର ପ୍ରସାଦ ପତି, ଯୁଗ୍ମସମ୍ପାଦକ ରାଜେନ୍ଦ୍ର ପଣ୍ଡା, ସଭ୍ୟ ପୃଥିବିରାଜ ମିଶ୍ର, ପ୍ରଫେସର ରବିନାରାୟଣ ମିଶ୍ର ପ୍ରମୁଖ ପଠାଗାରରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅଭିଭାଷଣ ପ୍ରଦାନ କରି ପ୍ରଫେସର ପାଢ଼ୀ ସମସ୍ତଙ୍କ ସହଯୋଗରେ ଚାଲୁଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।



ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

## ଶଙ୍କର ମଠରେ ସାମୂହିକ ବ୍ରତୋପନୟନ

**ସମ୍ବଲପୁର,୨୪।୪(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଶଙ୍କର ମଠ ପରିସରରେ ରବିବାର ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଦୟାନନ୍ଦ ସମୂହ ଅନୁଷ୍ଠାନ ଆୟୋଜନରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର, ବରଗଡ ଓ ସୋନପୁର ଜିଲାରୁ ମୋଟ ୧୧ଜଣ ବ୍ରହ୍ମଚାରୀଙ୍କ ବ୍ରତ ନିଃଶୁଳ୍କ ଭାବେ କରାଯାଇଥିଲା। ଦୟାନନ୍ଦ ସମୂହ ଅନୁଷ୍ଠାନ ଅଧକ୍ଷ ଈଶ୍ୱର ପାଣିଗ୍ରାହୀ ଓ ସଂଯୁକ୍ତା ତ୍ରିପାଠୀ ମୁଖ୍ୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ରାଜା ବଡପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ପଣ୍ଡିତ ରବି ପଣ୍ଡା, ପଣ୍ଡିତ ରମେଶ ଷଡଙ୍ଗୀ, ପଣ୍ଡିତ ଶଶି ବ୍ରହ୍ମଚାରୀ, ପଣ୍ଡିତ ସୁବ୍ରତ ପୁରୋହିତ, ପଣ୍ଡିତ ରାଜୁ ଷଡଙ୍ଗୀ, ପଣ୍ଡିତ ପ୍ରଭୁଦତ୍ତ ନାୟକ, ପଣ୍ଡିତ ମାନସ ପୁରୋହିତ ବ୍ରତ କାର୍ଯ୍ୟ କରିଥିଲେ। ଆଗାମୀ ଦିନରେ ଏହି ଧାରା ଜାରି ରହିବ ବୋଲି ଦୟାନନ୍ଦ ସମୂହ ଅନୁଷ୍ଠାନ ଅଧକ୍ଷ ପାଣିଗ୍ରାହୀ କହିଛନ୍ତି।

## ବାର୍‌ହା ଆକ୍ରମଣ:୨ ନାବାଳିକା ସମେତ ୫ ଆହତ

**ସମ୍ବଲପୁର,୨୪।୪ (ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ କୟାକୁଦ ଗ୍ରାମ୍ୟ ଜଙ୍ଗଲରେ ଏକ ଆହତ ବାର୍‌ହା ଆକ୍ରମଣରେ କେନ୍ଦୁପତ୍ର ତୋଳିବାକୁ ଯାଇଥିବା ୨ ନାବାଳିକା ଓ ୩ ମହିଳା ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୟାକୁଦ ଗ୍ରାମର ଅହଲ୍ୟା ଭୋଇ (୬୦), ଆମଲିପାଏନ ଗ୍ରାମର ସଖା ଧୁରିଆ (୩୬), ତାଙ୍କ ଝିଅ ଲକ୍ଷ୍ମୀପ୍ରିୟା ଧୁରିଆ (୯), ଶାନ୍ତି ମୁଣ୍ଡା (୩୬) ଓ ରିଙ୍କି ମୁଣ୍ଡା (୯)। ସୂଚନା ଅନୁସାରେ, ଚଳିତ ବର୍ଷ କେନ୍ଦୁପତ୍ର ସଂଗ୍ରହ ସୋମବାରଠାରୁ ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ ନିୟୋଜିତ ଉପରୋକ୍ତ ଶ୍ରମିକମାନେ ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ସେ ସମୟରେ ହଠାତ୍ ଏକ ଆହତ ଅଣ୍ଡିରା ବାର୍‌ହା ଶ୍ରମିକମାନଙ୍କ ପାଖକୁ ଦୌଡିଆସି ଅତର୍କିତ ଭାବେ ଆକ୍ରମଣ କରିଥିଲା। ଅନତି ଦୂରରେ ଉପସ୍ଥିତ ଥିବା ଫରେଷ୍ଟର ସୁନିଲ ଖଲାରି ଓ ଅନ୍ୟ କର୍ମଚାରୀମାନେ ବାର୍‌ହାକୁ ଘଉଡାଇବା ସହ ସମସ୍ତ ଆହତଙ୍କୁ ପ୍ରଥମେ ଝୁଝୁମୁରା ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବନ ବିଭାଗ ପକ୍ଷରୁ ଆହତମାନଙ୍କୁ ସହାୟତା ଦିଆଯିବ ବୋଲି ସୂଚନା ଦିଆଯାଇଛି।


ଚିକିତ୍ସିତ ହେଉଥିବା ଆହତମାନେ।

## ମୃତ୍ୟୁ ପୂର୍ବରୁ ନିଶାରେ ଥିଲେ ଚିନ୍ମୟୀ: ଭିସେରା ରିପୋର୍ଟ

**ସମ୍ବଲପୁର, ୨୪।୩(ବ୍ୟୁରୋ)**

### ଭିସୁଟ୍ ପୁରାତନ ଛାତ୍ରୀ ମୃତ୍ୟୁ ଘଟଣା

- ପାଣିରେ କେମିତି ପଡ଼ିଲେ ତାହା ରହସ୍ୟଘେରରେ

ସମ୍ବଲପୁର ବୁର୍ଲାସ୍ଥିତ ଭିସୁଟ୍‌ର ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଓ ଡାଏଟମ୍ ରିପୋର୍ଟରେ ମଧ ଏହା ଉଲ୍ଲେଖ ଥିବା ପୋଲିସ କହିଥିଲା। ସୋମବାର ଭିସେରା ରିପୋର୍ଟକୁ ନେଇ ପୋଲିସ ସୂଚନା ଦେଇଛି। ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଚିନ୍ମୟୀ ମୃତ୍ୟୁ ପୂର୍ବରୁ ନିଶାଦ୍ରବ୍ୟ ସେବନ କରିଥିଲେ। ଭିସେରା ରିପୋର୍ଟରେ ଏହା ଉଲ୍ଲେଖ ରହିଛି। କୌଣସି ବିଷକ୍ରିୟା ହୋଇନାହିଁ। ପୂର୍ବରୁ ସେ ନିକଟସ୍ଥ ଏକ ହୋଟେଲରେ ନିଶା କରୁଥିବା ଭିଡିଓ ପୋଲିସର ହସ୍ତଗତ ହୋଇଥିଲା। ଏବେ ତାହା ସ୍ପଷ୍ଟ ହୋଇଛି। ହେଲେ ଚିନ୍ମୟୀ କିଭଳି ବୁର୍ଲା ଥାନା ପିସି ବ୍ରିଜ୍‌କୁ ଗଲେ। ପାଣିକୁ କିଏ ଠେଲିଦେଇଥିଲେ ନା ନିଜେ ପଡିଗଲେ, ଯଦି ସେ ଆତ୍ମହତ୍ୟା କରିଛନ୍ତି ତା'ହେଲେ ଏହାର କାରଣ ଓ ଏହା ପଛରେ କାହାର ହାତ ରହିଛି ସେ ନେଇ ତଦନ୍ତ କରାଯାଉଛି ବୋଲି ଏସ୍‌ପି ଗଙ୍ଗାଧର କହିଥିଲେ ।

ଅନ୍ୟପଟେ ଏହି ଘଟଣା ଏବେ ମଧ ରହସ୍ୟଘେରରେ ରହିଛି। ପାଣିରେ ବୁଡ଼ି ଚିନ୍ମୟୀଙ୍କ ମୃତ୍ୟୁ ଘଟିଥିବା ପୂର୍ବରୁ ଜଣାପଡୁଥିଲା। ଏ ନେଇ ପରିବାର କିମ୍ବା ସାଧାରଣ ଲୋକଙ୍କ ମନରେ ସନ୍ଦେହ ନ ଥିଲା। ହେଲେ ଯୋଜନାବଦ୍ଧ ଭାବେ ଚିନ୍ମୟୀଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ଅନ୍ୟପଟେ ପୁରୁଷବନ୍ଧୁ ପ୍ରୀତିମାନ ଦେ'ଙ୍କ ସହ ଚିନ୍ମୟୀ ବ୍ରିଜ୍‌କୁ ଆସିଥିଲେ ବୋଲି ପୋଲିସ କହିଛି। ପ୍ରୀତିମାନ ଏକମାତ୍ର ପ୍ରତ୍ୟକ୍ଷଦର୍ଶୀ ହୋଇଥିଲେ ମଧ ସେ ରାଜ୍ୟ ଗୃହ ବିଭାଗ ଯୁଗ୍ମସଚିବ ପ୍ରଣବ କୁମାର ଦେଙ୍କ ପୁଅ ହୋଇଥିବାରୁ ପୋଲିସ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହୋଇଥିଲା। ଘଟଣା ଦିନ ପ୍ରୀତିମାନ ସହ ଚିନ୍ମୟୀ ଢାବାରେ ଖାଇବା ସହ ଏକାଠି ବୁଲାବୁଲି କରି ରାତିରେ ପିସି ବ୍ରିଜ୍‌କୁ ଆସିଥିଲେ। ଏତେ କମ୍ ସମୟରେ ଉଭୟଙ୍କ ମଧ୍ୟରେ ଏଭଳି କ'ଣ ଘଟିଥିଲା ଯେ, ବାଇକ୍‌ରେ ଆସିବା ମାତ୍ରେ ବ୍ରିଜ ଉପରୁ ଚିନ୍ମୟୀ ପାଣି ଭିତରେ ପଡିଯାଇଥିଲେ। ଅନ୍ୟପଟେ ଚିନ୍ମୟୀ ଓ ପ୍ରୀତିମାନଙ୍କ ମୋବାଇଲ ହ୍ୱାଟ୍ସଆପ୍, ଲାପଟପ୍, ବ୍ୟାଗ, ଡାଏରି, ଜିମେଲ ମେସେଜରେ ଝଗଡା କିମ୍ବା ଭୟଭୀତ କରିବା ଭଳି ସୂଚନା ନ ଥିଲା ବୋଲି ପୋଲିସ କହିଥିଲା। ସୂଚନାଯୋଗ୍ୟ, ଫେବୃୟାରୀ ୨୮ରେ ଭିସୁଟ୍‌ରେ ସମାବର୍ତ୍ତନ ଉତ୍ସବରେ ଚିନ୍ମୟୀ ଯୋଗଦେଇ ସାର୍ଟିଫିକେଟ ଓ ମେଡାଲ ପାଇଥିଲେ। ପରେ ପୁରୁଷବନ୍ଧୁ ପ୍ରୀତିମାନଙ୍କ ସହ ଖାଇବା ସହ ବୁଲିବାକୁ ଯାଇଥିଲେ। ହେଲେ ରାତି ପ୍ରାୟ ସାଢେ ୯ଟା ସମୟରେ ପିସି ବ୍ରିଜ୍ ପାୱାର ଚ୍ୟାନେଲରେ ପଡିଯାଇ ସେ ନିଖୋଜ ହୋଇଯାଇଥିବା ଖବର ପ୍ରଚାର ହୋଇଥିଲା। ବୁର୍ଲା ଥାନା ପୋଲିସ ଓ ଅଗ୍ନିଶମ ବିଭାଗ ପରଦିନ ପାଣି ଭିତରୁ ଚିନ୍ମୟୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଥାନାରେ ୯୬/୨୩ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା।

